# ECHO OF HIS CALL

ECHO OF HIS CALL 1969-2019 GOLDEN JUBILEE

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି ODIA

India's National Spiritual Newspaper ₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

Editor : S. SAM SELVA RAJ 16 Languages Associate Editor : Sis. Surama Samuel

Vol. XXII YEAR OF OUR LORD JESUS CHRIST, 2020 OCTOBER No. 9


## ପବିତ୍ର ବାଇବଲ

(ଦୟାକରି ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

ସଦାପ୍ରଭୁଙ୍କର ପ୍ରଶଂସା କର ।

(ମାଥିଉ ୭ :୧-୧୨)

୧ ତୁମ୍ଭେମାନେ ଯେପରି ବିଚାରିତ ନ ହେବ, ଏଥିପାଇଁ ବିଚାର କର ନାହିଁ ।
୨ କାରଣ ଯେଉଁ ବିଚାରରେ ବିଚାର କର, ସେହି ବିଚାରରେ ତୁମ୍ଭେମାନେ ବିଚାରିତ ହେବ; ପୁଣି, ଯେଉଁ ମାପରେ ମାପ କର, ସେହି ମାପରେ ତୁମ୍ଭମାନଙ୍କୁ ମପାଇ ଦିଆଯିବ ।
୩ ଆଉ, କାହିଁକି ତୁମ୍ଭ ଭାଇର ଆଖିରେ ଥିବା କୁଟାଟିକକ ଦେଖୁଅଛ, କିନ୍ତୁ ତୁମ୍ଭ ନିଜ ଆଖିରେ ଯେଉଁ କଡ଼ିକାଠ ଅଛି, ତାହା ଭାବି ଦେଖୁ ନାହଁ ?
୪ ଅଥବା ତୁମ୍ଭେ କିପରି ଆପଣା ଭାଇକି କହିବ, ଆସ, ତୁମ୍ଭ ଆଖିରୁ କୁଟାଟିକକ ବାହାର କରିଦିଏ ? ଆଉ ଦେଖ, ତୁମ୍ଭ ଆଖିରେ କଡ଼ିକାଠ ଅଛି !
୫ ରେ କପଟୀ, ଆଗେ ଆପଣା ଆଖିରୁ କଡ଼ିକାଠ ବାହାର କରିପକାଅ, ତାହା ପରେ ନିଜ ଭାଇର ଆଖିରୁ କୁଟାଟିକକ ବାହାର କରିବା ନିମନ୍ତେ ସ୍ପଷ୍ଟ ରୂପେ ଦେଖି ପାରିବ ।
୬ ପବିତ୍ର ପଦାର୍ଥ କୁକୁରମାନଙ୍କୁ ଦିଅ ନାହିଁ, କିମ୍ବା ତୁମ୍ଭମାନଙ୍କର ମୁକ୍ତା ଘୁଷୁରିମାନଙ୍କ ଆଗରେ ପକାଅ ନାହିଁ, କାଳେ ସେମାନେ ସେହିସବୁ ସେମାନଙ୍କ ପାଦ ତଳେ ଦଳନ୍ତି ଓ ବୁଲିପଡ଼ି ତୁମ୍ଭମାନଙ୍କୁ ବିଦୀର୍ଣ୍ଣ କରନ୍ତି ।
୭ ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ ।
୮ କାରଣ ଯେକେହି ମାଗେ, ସେ ପାଏ; ଯେ ଖୋଜେ, ସେ ସନ୍ଧାନ ପାଏ; ଆଉ, ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ ।
୯ କିମ୍ବା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି, ଯେ ନିଜ ପୁଅ ରୋଟୀ ମାଗିଲେ ତାହାକୁ ପଥର ଦେବ,
୧୦ କିଅବା ମାଛ ମାଗିଲେ ତାହାକୁ ସାପ ଦେବ ?
୧୧ ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ !
୧୨ ଅତଏବ, ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର, କାରଣ ଏହା ହିଁ ବ୍ୟବସ୍ଥା ଓ ଭାବବାଦୀ-ମାନଙ୍କ ଧର୍ମଶାସ୍ତ୍ରର ସାର ।

# ଜୀବନ ନ୍ୟାୟୋଚିତ ନ ଥିବା ସମୟରେ କ'ଣ କରିପାରିବା ?

## (WHAT CAN YOU DO WHEN LIFE IS NOT FAIR)

**ଅନ୍ୟାୟ ଜୀବନକୁ ପରିବ୍ୟାପ୍ତ କରିବା ଭଳି ମନେହୁଏ । ଯେତେବେଳେ ଅନୁଚିତ ପରିସ୍ଥିତି ଆପଣକୁ ଆକ୍ରାନ୍ତ କରେ, ସେତେବେଳେ ଆପଣ କି ପ୍ରତିକ୍ରିୟା ଦେଖାଇବା ଉଚିତ୍ ?**

ମୁଁ ଛୋଟ ଥିବା ସମୟରେ, ବାରମ୍ବାର ଅଭିଯୋଗ କରୁଥିଲି, "ତାହା ଉଚିତ୍ ନୁହେଁ ! ପ୍ରତ୍ୟେକ ବିଷୟ ନ୍ୟାୟୋଚିତ ହେବା ଉଚିତ ।"

ଯେତେବେଳେ ମୁଁ ପରିବାରରେ କୌଣସି ଅନ୍ୟାୟ ବିଷୟରେ ଆପତ୍ତି କରୁଥିଲି, ସେତେବେଳେ ମୋର ପିତା ମୋତେ ତାଙ୍କର ବହୁଳ ବ୍ୟବହୃତ ବାକ୍ୟଟିକୁ ସ୍ମରଣ କରାଇ ଦେଉଥିଲେ, "ଜୀବନ ନ୍ୟାୟୋଚିତ ନୁହେଁ ।" ସେ ମୋତେ ବୁଝାଉଥିଲେ ଯେ ଯଦି ମୁଁ ଜୀବନସାରା ନ୍ୟାୟକୁ ଆଶା କରୁଥିବି, ତେବେ ମୋତେ ଦୁଃଖଦ ଭାବରେ ନିରାଶ ହେବାକୁ ପଡ଼ିବ କାରଣ ଏହା ଘଟିବ ନାହିଁ ।

ଅବଶ୍ୟ, ମୁଁ ତାହା ଶୁଣିବାକୁ ଭଲ ପାଉ ନ ଥିଲି, ମାତ୍ର ମୁଁ ପରିପକ୍ୱ ହେବା ପରେ ଦେଖିଲି ଯେ ପ୍ରତ୍ୟେକଙ୍କ ଜୀବନରେ ଅନ୍ୟାୟ, କ୍ଲେଶଦାୟକ ଓ ଅନୁପଯୁକ୍ତ ଘଟଣାସବୁ ଘଟିଚାଲିଛି ।

ତଥାପି ସୁଦ୍ଧା, ଅନ୍ୟାୟ ବ୍ୟବହାର ମୋତେ ବିଚଳିତ କରେ - ବିଶେଷ ଭାବରେ, ଯେତେବେଳେ ମୁଁ ସନ୍ଦେହ କରାଯାଉ ନ ଥିବା ଲୋକମାନଙ୍କ ପ୍ରତିକୂଳରେ ଏହା ଜାଣିଶୁଣି ପ୍ରବେଶ କରିବାର ଦେଖେ, ସେତେବେଳେ ମୁଁ ବ୍ୟଥିତ ହୁଏ । ବୋଧହୁଏ ଆପଣ ସେତେବେଳେ ଠିକ୍ ମୋ' ଭଳି ଅନୁଭବ କରନ୍ତି ଯେତେବେଳେ ଜଣେ ଅବିବେକୀ ବ୍ୟକ୍ତି ଅନୁଚିତ ଭାବେ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

## ଆହ୍ୱାନ ପ୍ରତିଧ୍ୱନି ୟୁଟୁବ୍‌ରେ ଅନ୍-ଲାଇନ୍ ରବିବାର ଉପାସନା

## ହିନ୍ଦୀ, ଇଂରାଜୀ ଓ ତାମିଲ୍



ଆହ୍ୱାନର ପ୍ରତିଧ୍ୱନି ୟୁଟୁବ୍ ଚ୍ୟାନେଲରେ, ପ୍ରତି ରବିବାର ସକାଳ ୧୦ଟାରେ, ତିନୋଟି ଭାଷା, ଯଥା, ଇଂରାଜୀ, ହିନ୍ଦୀ ଓ ତାମିଲ୍‌ରେ ଆମର ଅନ୍‌ଲାଇନ ଉପାସନା ପ୍ରଦର୍ଶିତ ହେଉଅଛି । ଆମ ସହିତ ଯୋଗ ଦେବା ପାଇଁ ଓ ଏହି ଚ୍ୟାନେଲ୍‌ର ସଭ୍ୟ ହେବା ପାଇଁ ଆମେ ଆପଣମାନଙ୍କୁ ସ୍ୱାଗତ କରୁଅଛୁ । ଏଥିପାଇଁ ଆପଣମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ।

***ପାଳକ, ଏସ୍.ସାମ୍.ସେଲ୍‌ଭାରାଜ୍***

*Touching Lives by Teaching.....Since 1969.*

## ଆମର ମିଶନ ନିୟମ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷାକୁ ସମସାମୟିକ ଯୁଗ ନିକଟରେ ବ୍ୟାଖ୍ୟା କରୁ ଓ ଶିକ୍ଷା ଦେଉ ।

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS






## ସଂପାଦକୀୟ

**''ଯେଉଁମାନେ କାନ୍ଦି କାନ୍ଦି ବିହନ ବୁଣନ୍ତି, ସେମାନେ ଆନନ୍ଦ କରୁ କରୁ ଶସ୍ୟ କାଟିବେ ।'' ଗୀତସଂହିତା ୧୨୬:୫**

### ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

ଏହି ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ମାଧ୍ୟମରେ ଆଉ ଥରେ ଆପଣମାନଙ୍କୁ ସାକ୍ଷାତ୍ କରିବା କେବେ ଆନନ୍ଦଦାୟକ ! ହଁ, ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଅତି ଚମତ୍କାର ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।

ସମଗ୍ର ପୃଥିବୀ ଅତିରିକ୍ତ ଚାପ ଅଧୀନରେ ଅଛି ଓ ଅନେକେ ଏ ପର୍ଯ୍ୟନ୍ତ ତାଲା ବନ୍ଦ ଭିତରେ ରହିଛନ୍ତି । ଆମ ମଧ୍ୟରୁ ଅନେକେ ନିଜ ନିଜର ଆୟର ପନ୍ଥା, ସ୍ୱାସ୍ଥ୍ୟ ଓ ପ୍ରିୟଜନମାନଙ୍କୁ ହରେଇ ଦେଇଛନ୍ତି । ତଥାପି ଈଶ୍ୱରଙ୍କ ବାକ୍ୟ ଘୋଷଣା କରେ, ''ନିଃଶ୍ୱାସ ପ୍ରଶ୍ୱାସଧାରୀ ପ୍ରତ୍ୟେକ ପ୍ରାଣୀ ସଦାପ୍ରଭୁଙ୍କର ପ୍ରଶଂସା କରୁ'' (ଗୀତ ୧୫୦:୬) ।

ସଦାପ୍ରଭୁ ପରମେଶ୍ୱର ଅନୁଗ୍ରହପୂର୍ବକ ଏହି ମାସରେ ଏହି ପତ୍ରିକା ପ୍ରକାଶ କରିବାରେ ଆମକୁ ସାହାଯ୍ୟ କରିଛନ୍ତି, ଯଦିଓ ଆମକୁ ବିଭିନ୍ନ କ୍ଷେତ୍ରରେ ବଡ଼ ବଡ଼ ଓ ଅକଥନୀୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଛି । କେବଳ ଈଶ୍ୱରଙ୍କ ଅନୁଗ୍ରହ ଯୋଗୁ ଏହି ଉଦ୍ୟମ ସଫଳ ହୋଇଅଛି । ଈଶ୍ୱରଙ୍କର ଗୌରବ ହେଉ !

ଆମେ ଆମର ସହଯୋଗୀ ସଂପାଦକ, କମ୍ପ୍ୟୁଟର ପରିଚାଳକ, ପ୍ରୁଫରିଡ଼ର, ଅଫିସ କର୍ମଚାରୀ ଓ ଡାକ କର୍ତ୍ତୃପକ୍ଷଙ୍କର ଆନ୍ତରିକ ସହଯୋଗ ଓ କଠିନ ପରିଶ୍ରମ ଯୋଗୁ ଆପଣମାନଙ୍କ ନିକଟକୁ ଏହି ପତ୍ରିକା ପ୍ରେରଣ କରିପାରୁଥିବାରୁ ସେମାନଙ୍କ ପ୍ରତି ଅତି କୃତଜ୍ଞ ଅଟୁ । ସେମାନେ ବାସ୍ତବରେ ଆମ ପ୍ରେମ ଓ ପ୍ରଶଂସାର ଯୋଗ୍ୟ ଅଟନ୍ତି । ଈଶ୍ୱର ସେମାନଙ୍କୁ ଏକ ଅଲୌକିକ ମାର୍ଗରେ ଆଶୀର୍ବାଦ କରନ୍ତୁ ।

ଈଶ୍ୱର ଓ ସମଗ୍ର ଜଗତର ଲୋକମାନଙ୍କ ମଧ୍ୟରେ ଥିବା ବ୍ୟବଧାନର ମଧ୍ୟ ସ୍ଥଳରେ ଠିଆ ହେବା ପାଇଁ ଖ୍ରୀଷ୍ଟିଆନମାନଙ୍କ ନିମନ୍ତେ ଏହା ଏକ ପ୍ରକୃଷ୍ଟ ସମୟ ଅଟେ । ଆମେ ଆମ ପ୍ରାର୍ଥନାକୁ କେବଳ ଆମର ନିଜସ୍ୱ ମଙ୍ଗଳ ପାଇଁ ସୀମିତ କରି ଦେବା ଉଚିତ୍ ନୁହେଁ । ଆମେ ଜଗତ ନିକଟକୁ ଏକ ଅପୂର୍ବ ଉଦ୍ଦୀପନା ପ୍ରେରଣ କରିବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରିବା ଉଚିତ୍ ଯାହା ଜୀବିତ ଈଶ୍ୱରଙ୍କ ସମ୍ବନ୍ଧରେ ଥିବା ଭୁଲ୍ ଧାରଣାକୁ ଦୂର କରିଦେବ ଓ ସେମାନଙ୍କୁ ଈଶ୍ୱରଙ୍କ ସମ୍ବନ୍ଧୀୟ ଆଲୋକ ଓ ତ୍ରାଣକାରୀ ଜ୍ଞାନ ନିକଟକୁ ଆଣିବ ।

ଏହି ବିଶ୍ୱ ମହାମାରୀ ଓ ଦୁର୍ଭିକ୍ଷ ସମୟରେ ସୁଦ୍ଧା ଆମର ସଦସ୍ୟମାନଙ୍କ ମଧ୍ୟରୁ କେତେଜଣ ଆମର ମିଶନ କାର୍ଯ୍ୟ ଓ ମଣ୍ଡଳୀଗୁଡ଼ିକ ପାଇଁ ସେମାନଙ୍କର ଦାନ ଓ ଦଶମାଂଶ ବିଶ୍ୱସ୍ତ ଭାବରେ ପ୍ରେରଣ କରୁଛନ୍ତି । ଏହା ବହୁଳ ଭାବରେ ଓ ବାସ୍ତବରେ ପ୍ରଶଂସାଯୋଗ୍ୟ ଅଟେ । ଆମେ ସେମାନଙ୍କୁ ପ୍ରଭୁଙ୍କ ଗୃହରୁ ଆଶୀର୍ବାଦ କରୁଅଛୁ । ଗୀତସଂହିତା ୩୬:୮ ।

ଈଶ୍ୱର କହନ୍ତି : ''ତୁମ୍ଭେମାନେ ଆମ୍ଭ ନିକଟକୁ ଆସି ଏହି କଥା ଶୁଣ, ଆମ୍ଭେ ପ୍ରଥମରୁ ଗୋପନରେ କହି ନାହୁଁ, ତାହା ହେଉଥିବା ସମୟରୁ ଆମ୍ଭେ ସେଠାରେ ଅଛୁ, ପୁଣି, ଏବେ ପ୍ରଭୁ, ସଦାପ୍ରଭୁ ମୋତେ ଓ ତାହାଙ୍କ ଆତ୍ମାକୁ ପ୍ରେରଣ କରିଅଛନ୍ତି । ସଦାପ୍ରଭୁ ତୁମ୍ଭର ମୁକ୍ତିଦାତା, ଇସ୍ରାଏଲର ଧର୍ମସ୍ୱରୂପ, ଏହି କଥା କହନ୍ତି, ଆମ୍ଭେ ସଦାପ୍ରଭୁ, ତୁମ୍ଭ ପରମେଶ୍ୱର, ତୁମ୍ଭକୁ ଉପକାର ଜନକ ଶିକ୍ଷା ଦେଉ, ତୁମ୍ଭର ଗନ୍ତବ୍ୟ ପଥରେ ତୁମ୍ଭକୁ ଗମନ କରାଉ । ଆଃ, ତୁମ୍ଭେ ଯେବେ ଆମ୍ଭ ଆଜ୍ଞାରେ ମନଯୋଗ କରିଥା'ନ୍ତା ! ତେବେ ତୁମ୍ଭର ଶାନ୍ତି ନଦୀ ତୁଲ୍ୟ ଓ ତୁମ୍ଭର ଧାର୍ମିକତା ସମୁଦ୍ରର ତରଙ୍ଗ ତୁଲ୍ୟ ହୋଇଥା'ନ୍ତା ।

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th., M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.

**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.
Bro. Rajeswaran Samuel, B.Com.

**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
**Phone :** (+91- 44) 2852 8282
2852 9293, 2854 7766
**Email :** sam@echoofhiscall.org
biblecor@yahoo.co.in
**Websites :**
www.echoofhiscall.org
www.echoofhiscall.com

**Our Ministries:** ✪ ECHO OF HIS CALL Monthly Magazines (16 languages) ✪ BIBLECOR - Postal Courses (3 languages) ✪ Theological Correspondence Courses (2 languages) ✪ Church Planting ✪ Nehemiah Bible Colleges ✪ Gospel Printing Press ✪ Great Commission Partners ✪ Village English High School ✪ Crusades ✪ 100 Prayer Warriors ✪ Community Development

ତୁମ୍ଭର ବଂଶ ମଧ୍ୟ ବାଲୁକା ତୁଲ୍ୟ ଓ ତୁମ୍ଭର ଔରସଜାତ ସନ୍ତାନଗଣ ତହିଁର କଣିକା ସମୂହର ତୁଲ୍ୟ ହୋଇଥାନ୍ତେ, ତାହାର ନାମ ଆମ୍ଭମ ସମ୍ମୁଖରୁ ଉଚ୍ଛିନ୍ନ କିଅବା ବିନଷ୍ଟ ହୋଇ ନ ଥାନ୍ତା'' (ଯିଶାଇୟ ୪୮:୧୬-୧୯) । ସମୟକ୍ରମେ, ଈଶ୍ୱର ଆସନ୍ତା ଦିନଗୁଡ଼ିକରେ ଆପଣଙ୍କ ନିମନ୍ତେ ମହତ୍ କାର୍ଯ୍ୟସବୁ ସଂପାଦନ କରିବେ ।

ଆପଣମାନେ ଜାଣନ୍ତି, ଆମେ ପ୍ରତି ରବିବାର ସକାଳ ୧୦ରେ ତିନୋଟି ଭାଷା, ଯଥା, ଇଂରାଜୀ, ହିନ୍ଦୀ ଓ ତାମିଲ୍‌ରେ ଉପାସନା ଚଳାଉ ଅଛୁ । ଆପଣମାନେ ଏହାକୁ ଆପଣମାନଙ୍କର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଦେଖିପାରିବେ । ଏଥିରେ ଯୋଗ ଦେବା ପାଇଁ ଆପଣମାନଙ୍କୁ ସ୍ୱାଗତ କରୁଛୁ ।

ଦୟାକରି ଆମ ପାଇଁ ପ୍ରାର୍ଥନା କରନ୍ତୁ । ଆପଣମାନେ ଆମ ପ୍ରାର୍ଥନାରେ ଅଛନ୍ତି । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକ,**
**ଏସ୍.ସାମ୍.ସେଲ୍‌ଭାରାଜ**

---

*(ଅବଶିଷ୍ଟାଂଶ ୧ମ ପୃଷ୍ଠାରେ)*

ସୁବିଧା ହାସଲ କରେ କିମ୍ବା ଜଣେ ଅପରାଧୀକୁ ଦଣ୍ଡ ମିଳେ ନାହିଁ ।

ଆହୁରି ମଧ୍ୟ, ଯେତେବେଳେ ଆପଣ ନିଜେ ପ୍ରତାରିତ ହୁଅନ୍ତି, ଆପଣଙ୍କୁ ମିଥ୍ୟା କୁହାଯାଏ, ଆପଣଙ୍କ ପ୍ରତି ବିଶ୍ୱାସଘାତକତା କରାଯାଏ, କିମ୍ବା ଆପଣଙ୍କ ଖ୍ୟାତିକୁ ଦାୟିତ୍ୱ ହୀନଭାବେ କଳଙ୍କିତ କରାଯାଏ, ସେତେବେଳେ ଆପଣ କିପରି ଅନୁଭବ କରନ୍ତି ?

ଏହିପରି କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ ଭାବରେ ଭୁଲ୍ ବୋଲି ଉପଲବ୍ଧି କରିବା ପରେ, ଆମର ସ୍ୱାଭାବିକ ମାନବିକ ପ୍ରତିକ୍ରିୟା ହେଉଛି, ଦୁଃଖିତ ଓ ଅପମାନିତ ହେବା । ଆମେ ହୁଏତ କ୍ରୁଦ୍ଧ ହୋଇପାରୁ, ତିକ୍ତତା ଅନୁଭବ କରିପାରୁ କିମ୍ବା ପ୍ରତିଶୋଧ ନେବା ପାଇଁ ଚେଷ୍ଟା କରିପାରୁ । କିମ୍ବା, ଆମେ ହୁଏତ ଦୁଃଖ ଓ ବିଷାଦ ମଧ୍ୟକୁ ପଳାୟନ କରି ନିଃସଙ୍ଗତା ଅନୁଭବ କରିପାରୁ ।

ଅନ୍ୟାୟକୁ ନିୟନ୍ତ୍ରଣ କରିବା ପାଇଁ ସେଗୁଡ଼ିକ ଫଳପ୍ରଦ ଉପାୟ ଅଟେ କି ? କିମ୍ବା ଅଧିକ କିଛି ଗଠନମୂଳକ ଓ ଫଳପ୍ରଦ ଉପାୟ ଅଛି ? ଯେତେବେଳେ ଜୀବନର ଘଟଣାଗୁଡ଼ିକ ଆମକୁ ଅତିରିକ୍ତ କ୍ଳେଶ ଦିଅନ୍ତି କିମ୍ବା ଯେତେବେଳେ ଲୋକମାନେ ଆମ ପ୍ରତି ଅନୁଚିତ ଓ ଅନ୍ୟାୟ ଆଚରଣ ଦେଖାନ୍ତି, ସେତେବେଳେ ଆମେ କ'ଣ କରିବା ଉଚିତ ? ଆମେ ଯେଉଁ ଦୁଃଖ ଓ ନିରାଶାକୁ ଅନୁଭବ କରିବୁ, ତାହାକୁ କିପରି ଦୂର କରିପାରିବୁ ?

### ଜୀବନରେ ଏକ କଷ୍ଟକର ଆରମ୍ଭ

ଆନୀ ସୁଲିଭାନ୍‌ଙ୍କ କାହାଣୀକୁ ବିଚାର କରନ୍ତୁ । ସେ ମାସାଚୁସେଟ୍‌ର ଫିଡିଂ ହିଲ୍ ଠାରେ ୧୮୬୬ ଏପ୍ରିଲ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଯୌବନକାଳ ପ୍ରତିକୂଳ ପରିସ୍ଥିତିରେ ପରିପୂର୍ଣ୍ଣ ଥିଲା । ସେ ଯେ କେବଳ ଅତି ଦାରିଦ୍ର୍ୟ ମଧ୍ୟରେ ପ୍ରତିପାଳିତ ହୋଇଥିଲେ, ତା' ନୁହେଁ, ମାତ୍ର ସେ ନିଜର ମଦ୍ୟପ ପିତାଙ୍କ ଦ୍ୱାରା ଶାରୀରିକ ଭାବରେ ମଧ୍ୟ ଅସଦାଚରଣ ସହ୍ୟ କରିଥିଲେ । ପାଞ୍ଚ ବର୍ଷ ବୟସରେ, ସେ ଟ୍ରାକୋମା ନାମକ ଏକ ଜୀବାଣୁ ଘଟିତ ଚକ୍ଷୁ ରୋଗରେ ଆକ୍ରାନ୍ତ ହୋଇଥିଲେ । ଏହି ରୋଗର କୌଣସି ଚିକିତ୍ସା କରାଯାଇ ନ ଥିବାରୁ, ସେ ପ୍ରାୟ ଅନ୍ଧ ହୋଇଯାଇଥିଲେ ।

ଆନୀ ୮ ବର୍ଷ ବୟସ ହେବା ବେଳକୁ, ତାଙ୍କର ମା' ଆଲିସ୍ ସୁଲିଭାନ୍ ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କରିଥିଲେ । ଦୁଇ ବର୍ଷ ପରେ, ତାଙ୍କର ପିତା ପିଲାମାନଙ୍କୁ ଲାଳନ ପାଳନ କରିବାରେ ଅସମର୍ଥ ହୋଇ, ଆନୀ ଓ ତାଙ୍କର ଭାଇ ଜେମ୍‌ସଙ୍କୁ ମାସ୍‌ର ଟିଉସ୍‌ବରୀସ୍ଥିତ ରାଷ୍ଟ୍ରୀୟ ଅନାଥାଶ୍ରମରେ ଛାଡ଼ି ଦେଇଥିଲେ ।

ସେହି ଅନୁଷ୍ଠାନର ସ୍ଥିତି ଅତି ଶୋଚନୀୟ ଥିଲା କାରଣ ସେଠାରେ ଅର୍ଥର ଅଭାବ ଥିଲା ଓ ସେଠାରେ ସାମର୍ଥ୍ୟ ଠାରୁ ଅଧିକ ଲୋକ ରହୁଥିଲେ, ଏପରିକି ଅର୍ଥାଭାବ ଯୋଗୁ ଏହାକୁ ମରାମତି କରାଯାଇପାରୁ ନ ଥିଲା ।

ଟିଉସ୍‌ବରୀଠାରେ ତାଙ୍କର ୪ ବର୍ଷର ରହଣି ସମୟରେ, ଆନୀଙ୍କର ଦୁଇଥର ଅସ୍ତ୍ରୋପଚାର ହୋଇଥିଲା, ମାତ୍ର ତାଙ୍କର ଦୃଷ୍ଟିଶକ୍ତିରେ କିଛି ଉନ୍ନତି ଆସି ନ ଥିଲା । କିନ୍ତୁ ୧୮୮୦ରେ ଯେତେବେଳେ ଆନୀ ୧୪ ବର୍ଷ ବୟସରେ ପାଦ ଦେଲେ, ସେତେବେଳେ ତାଙ୍କୁ ମାସାଚୁସେଟ୍‌ର ବୋଷ୍ଟନସ୍ଥିତ ଅନ୍ଧମାନଙ୍କ ପାଇଁ ଉଦ୍ଦିଷ୍ଟ ପର୍କିନସ୍ ସ୍କୁଲରେ ଗ୍ରହଣ କରାଗଲା ।

### ପ୍ରତିବନ୍ଧକଗୁଡ଼ିକୁ ପରାସ୍ତ କରିବା

ପର୍କିନସ୍ ବିଦ୍ୟାଳୟରେ ପରିସ୍ଥିତିରେ ଉନ୍ନତି ଆସିବା ଆରମ୍ଭ ହୋଇଥିଲା । ସେ ତାଙ୍କ ଚକ୍ଷୁ ପାଇଁ ଅଧିକ ଚିକିତ୍ସାର ସୁବିଧା ପାଇଥିଲେ ଓ ତାଙ୍କର ଦୃଷ୍ଟିଶକ୍ତି ଏପରି ବୃଦ୍ଧି ପାଇଥିଲା ଯେ ସେ କିଛି ସମୟ ପର୍ଯ୍ୟନ୍ତ ପଢ଼ି ପାରୁଥିଲେ । ଏହା ଫଳରେ, ସେ ନିଜର ଆନୁଷ୍ଠାନିକ ପାଠ ପଢ଼ା ଉପରେ ଅତି ଉଦ୍‌ଯୋଗର ସହିତ ମନୋନିବେଶ କରିଥିଲେ । ଆନୀ ନିଜର ଜଣେ ଉଭୟ ମୂକ ଓ ବଧିର ବନ୍ଧୁଙ୍କ ସହିତ ଯୋଗାଯୋଗ କରିବା ପାଇଁ ସାଙ୍କେତିକ ଭାଷା ମଧ୍ୟ ଶିକ୍ଷା କରିଥିଲେ । ସେ ଏତେ ସୂକ୍ଷ୍ମାତିସୂକ୍ଷ୍ମ ରୂପେ ଅଧ୍ୟୟନ କରିଥିଲେ ଯେ ସେ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ ।

ତାଙ୍କର ବିଦାୟକାଳୀନ ଅଭିଭାଷଣରେ, ସେ ଏହା କହି ନିଜର ସହପାଠୀମାନଙ୍କୁ ଆହ୍ୱାନ ଜଣାଇଥିଲେ, ''ବନ୍ଧୁଗଣ, କର୍ତ୍ତବ୍ୟ ଆମକୁ ସକ୍ରିୟ ଜୀବନ ମଧ୍ୟକୁ ଅଗ୍ରସର ହେବା ପାଇଁ ଆଦେଶ ଦିଏ । ଆସନ୍ତୁ, ଆମେ ଆନନ୍ଦ, ଆଶା ଓ ଆଗ୍ରହର ସହିତ ଯାତ୍ରା କରିବା ଓ ଆମର ବିଶେଷ କାର୍ଯ୍ୟ ଆବିଷ୍କାର କରିବା ପାଇଁ ନିଜ ନିଜକୁ ପ୍ରସ୍ତୁତ କରିବା । ଏହାକୁ ଆବିଷ୍କାର କରିବା ପରେ, ଏହାକୁ ଇଚ୍ଛୁକ ଭାବରେ ଓ ବିଶ୍ୱସ୍ତଭାବରେ ସଂପାଦନ କରିବା, କାରଣ ଆମେ ଯେତେଗୁଡ଼ିକ ପ୍ରତିବନ୍ଧକ ଉପରେ ବିଜୟୀ ହେବା, ଯେତେ ସଫଳତା ପ୍ରାପ୍ତ ହେବା, ସେତେ ଅଧିକ ଆମେ ଈଶ୍ୱରଙ୍କର ନିକଟବର୍ତ୍ତୀ ହେବା ଓ ଜୀବନକୁ ସେତେ ଅଧିକ ସେହିପରି କରିବା, ଯାହା ସେ ଇଚ୍ଛା କରିଥିବେ ।''

ପର୍କିନସ୍ ବିଦ୍ୟାଳୟର ଅନେକ ଶିକ୍ଷକ ଓ କର୍ମଚାରୀ ଆନୀଙ୍କର ସକାରାତ୍ମକ ମନୋଭାବ, ପ୍ରତିଭା, ବୁଦ୍ଧିମତ୍ତା ଓ ଅଧ୍ୟବସାୟ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେଥିପାଇଁ ଆଲାବାମାର ଟସ୍ କମ୍ବିଆରେ ଥିବା କେଲର୍ ପରିବାର ସେମାନଙ୍କର ଅନ୍ଧ, ମୂକ ଓ ବଧିର କନ୍ୟାଙ୍କର ଶିକ୍ଷୟିତ୍ରୀ ଓ ତାଲିମ ଦାତ୍ରୀ ଭାବରେ ତାଙ୍କୁ ଗ୍ରହଣ କରିଥିଲେ ।

### କିପରି ପ୍ରତିକ୍ରିୟା ଦେଖାଇବା, ତାହା ଆମେ ମନୋନୀତ କରୁ ।

ଆନୀ ସୁଲିଭାନ୍‌ଙ୍କ କାହାଣୀ କେଉଁ ବିଷୟକୁ ଚିତ୍ରିତ କରେ ? ତାଙ୍କର ଯୌବନକାଳରେ, ସେ ଯେଉଁ ଗୁରୁତ୍ୱପୂର୍ଣ୍ଣ କ୍ଳେଶର ସମ୍ମୁଖୀନ ହୋଇଥିଲେ, ତାହାକୁ ବିଚାର କରି, ସେ ହତାଶ ଓ ଆକ୍ରୋଶପୂର୍ଣ୍ଣ ହୋଇପାରିଥାନ୍ତେ । ସେ ନିରବଚ୍ଛିନ୍ନ ଭାବରେ ସେହିସବୁ ବିଷୟ ପାଇଁ ଅଭିଯୋଗ କରିପାରିଥାନ୍ତେ, ଯେଉଁ ସବୁ ଅନ୍ୟାୟ ଓ କଷ୍ଟର ସେ ଅନୁଭୂତି ପାଇଥିଲେ ।

ମାତ୍ର ସେ ସେହିପରି କରି ନ ଥିଲେ । ଆନୀ ନିଜ ପରିସ୍ଥିତିର ଊର୍ଦ୍ଧ୍ୱକୁ ଉଠିବା ଓ ସେ ପାଉଥିବା ପ୍ରତ୍ୟେକ ସୁଯୋଗକୁ ନିଜର ପ୍ରତିଭା ଓ ସାମର୍ଥ୍ୟର ବିକାଶ କରିବାରେ ବ୍ୟବହାର କରିବା ମନୋନୀତ କରିଥିଲେ । ସେହିପରି କରିବା ଦ୍ୱାରା, ସେ ମାନସିକ ପରିପକ୍ୱତା ଓ ଚରିତ୍ରରେ ବୃଦ୍ଧି ପାଇଥିଲେ ।

ଆନୀ ସୁଲିଭାନ ଯେପରି ନିଜର ପ୍ରତିକୂଳ ସ୍ଥିତିକୁ ଏକ ଗଠନାତ୍ମକମାର୍ଗରେ ନିୟନ୍ତ୍ରଣ କରିବା ପାଇଁ ସଂକଳ୍ପବଦ୍ଧ ଥିଲେ, ସେହିପରି ଆମେ ମଧ୍ୟ ଅନ୍ୟାୟ ଓ ଅସମାନତା ଦ୍ୱାରା ଆକ୍ରାନ୍ତ ହେବା ସମୟରେ ସେହି ପନ୍ଥା ଅବଲମ୍ବନ କରିପାରିବା । ଆନୀଙ୍କ ଭଳି କୌଣସି କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବା ସମୟରେ, ଆମେ କିପରି ପ୍ରତିକ୍ରିୟା ଦେଖାଇବୁ, ତାହା ଆମେ ମନୋନୀତ କରିପାରିବୁ ।

ବାଇବଲରେ ଏହିପରି ବିସ୍ତୃତ ଦୃଷ୍ଟିକୋଣରୁ ନିଆଯାଇଥିବା ମନୋନୟନର ଅନେକ ଦୃଷ୍ଟାନ୍ତ ଅଛି ।

## ଯୋଷେଫ ଓ ତାଙ୍କର ଭାଇମାନେ

ଆସନ୍ତୁ, ଆମେ ସଂକ୍ଷେପରେ ଯୋଷେଫଙ୍କ କାହାଣୀକୁ ପରୀକ୍ଷା କରିବା । ତାଙ୍କ ଭାଇମାନେ କିପରି ସେମାନଙ୍କର ପଶୁପଲର ଯତ୍ନ ନେଉଛନ୍ତି – ଏହା ଉପରେ ଯୋଷେଫଙ୍କ କାହାଣୀ ଆରମ୍ଭ ହୋଇଛି (ଆଦି ୩୭:୧-୨) । ଫଳରେ ସେମାନେ ଯୋଷେଫଙ୍କ ଉପରେ କ୍ରୋଧାନ୍ୱିତ ହୋଇଥିଲେ । ଅଧିକନ୍ତୁ, ପିତା ଯେ ଯୋଷେଫଙ୍କୁ ସେମାନଙ୍କ ଅପେକ୍ଷା ଅଧିକ ପ୍ରେମ କରୁଛନ୍ତି, ତାହା ମଧ୍ୟ ସେମାନେ ଲକ୍ଷ୍ୟ କରିଥିଲେ (ଆଦି ୩୭:୩) । ଏହି ଅନ୍ୟାୟ ସେମାନଙ୍କ ମନରେ ତୀବ୍ର ଆକ୍ରୋଶଭାବ ଉଦ୍ରେକ କରିଥିଲା ।

ପରେ, ଯୋଷେଫ ଦୁଇଟି ସ୍ପଷ୍ଟ ସ୍ୱପ୍ନ ଦେଖିଥିଲେ ଯେଉଁ ଗୁଡ଼ିକରେ ତାଙ୍କୁ ତାଙ୍କର ପିତା ଓ ଭାଇମାନେ ସମ୍ମାନ ଦେଖାଉଥିଲେ । ସେ ଛଳନାପୂର୍ବକ ନିଜକୁ ଉଚ୍ଚୀକୃତ କରୁଛନ୍ତି ଭାବି ତାଙ୍କର ଭାଇମାନେ ଆହୁରି ଅଧିକ କ୍ରୋଧାନ୍ୱିତ ହେଲେ (ଆଦି ୩୭:୫-୧୧) ।

ପରେ, ଯାକୁବ ପୁଣିଥରେ ଯୋଷେଫଙ୍କୁ ତାଙ୍କ ଭାଇମାନଙ୍କ ନିକଟକୁ ପ୍ରେରଣ କଲେ । ଏତେବେଳକୁ ଯୋଷେଫଙ୍କ ପ୍ରତି ସେମାନଙ୍କର ଘୃଣା ଏପରି ବୃଦ୍ଧି ପାଇଥିଲା ଯେ ସେମାନେ ତାଙ୍କୁ ହତ୍ୟା କରିବା ପାଇଁ ଚିନ୍ତା କରିବାକୁ ଲାଗିଲେ (ଆଦି ୩୭:୧୮-୨୦) ।

ଜ୍ୟେଷ୍ଠଭ୍ରାତା, ରୁବେନ କିଛି ସମୟ ପାଇଁ ଅନ୍ୟମାନଙ୍କୁ ଶାନ୍ତ କରାଇଥିଲେ (ଆଦି ୩୭:୨୧-୨୪) । ମାତ୍ର ପରେ, ରୁବେନ୍‌ଙ୍କ ଅଜ୍ଞାତରେ ସେମାନେ ତାଙ୍କୁ ସେହି ପଥ ଦେଇ ଯାଉଥିବା ଇଶ୍ମାୟେଲୀୟ ବ୍ୟବସାୟୀମାନଙ୍କୁ ବିକ୍ରୟ କରି ଦେଇଥିଲେ ।

ସେମାନଙ୍କର ବିଶ୍ୱାସ ଘାତକତାକୁ ଲୁଚାଇବା ପାଇଁ, ସେମାନେ ଗୋଟିଏ ଛେଳିକୁ ବଧ କରି ଏହାର ରକ୍ତରେ ଯୋଷେଫଙ୍କର ପୋଷାକକୁ ବୁଡ଼ାଇଲେ ଓ ଏହାକୁ ଯାକୁବଙ୍କ ନିକଟକୁ ନେଇ କହିଲେ ଯେ ଯୋଷେଫଙ୍କୁ କୌଣସି ବନ୍ୟଜନ୍ତୁ ମାରି ଦେଇଥିବ । ଯାକୁବ ଅତ୍ୟନ୍ତ ଦୁଃଖିତ ହୋଇ ରୋଦନ କରିଥିଲେ ଓ ସାନ୍ତ୍ୱନା ଗ୍ରହଣ କରିବାକୁ ଅସମ୍ମତ ହୋଇଥିଲେ ।

## ଯୋଷେଫଙ୍କର ପ୍ରତିକ୍ରିୟା

ଯୋଷେଫ ସହ୍ୟ କରିଥିବା ସମସ୍ତ ଅନ୍ୟାୟ ଆଚରଣକୁ ବିଚାର କରି, ସେ ତିକ୍ତମନା ହୋଇପାରଥାନ୍ତେ ଓ ଘଣ୍ଟା ଘଣ୍ଟା ଧରି ନିଜ କ୍ଲେଶରେ ବିଷାଦଗ୍ରସ୍ତ ହୋଇ ରହିପାରିଥା'ନ୍ତେ, ମାତ୍ର ସେ ସେହିପରି କରି ନ ଥିଲେ ।

ଏହା ପରିବର୍ତ୍ତେ, ପ୍ରତ୍ୟେକ ପରିସ୍ଥିତିରେ ଈଶ୍ୱରଙ୍କ ସାହାଯ୍ୟ ଉପରେ ବିଶ୍ୱାସ କରୁ କରୁ, ସେ ନିଜ ପ୍ରତିଭା ଓ ସାମର୍ଥ୍ୟ ଉପରେ ମନୋଯୋଗୀ ହୋଇ ନିଜର ଯଥାସାଧ୍ୟ କାର୍ଯ୍ୟ କରିବାକୁ ଚେଷ୍ଟା କରିଥିଲେ । ପରେ ଯେତେବେଳେ ସେ ମିଶରର ଜଣେ ଉଚ୍ଚପଦାଧିକାରୀ ହୋଇଥିଲେ ଓ ତାଙ୍କ ଭାଇମାନେ ତାଙ୍କ ନିକଟକୁ ଆସିଥିଲେ, ସେତେବେଳେ ସେ ସେମାନଙ୍କ ପ୍ରତି ଦୟା ଓ କ୍ଷମା ପ୍ରଦର୍ଶନ କରିଥିଲେ । ଏପରିକି ସେମାନଙ୍କୁ ଏହା ବୁଝାଇ ଥିଲେ ଯେ ସେମାନେ ଯାହା କରିଥିଲେ, ତାହାକୁ ଈଶ୍ୱର ବ୍ୟବହାର କରି ଅନେକ ଲୋକଙ୍କର ଜୀବନ ବଞ୍ଚାଇଥିଲେ (ଆଦି ୫୦:୧୫-୨୧) ।

ତାଙ୍କର ଦୃଷ୍ଟାନ୍ତ ଏହା ପ୍ରଦର୍ଶନ କରେ ଯେ ଜଣେ ବ୍ୟକ୍ତି ପ୍ରତି ଯାହା ଘଟେ, ତାହା ଅପେକ୍ଷା ତା'ର ମନୋଭାବ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଶେଷରେ ଈଶ୍ୱର ଅନୁଚିତ ପରିସ୍ଥିତିକୁ ସଜାଡ଼ିବା ପାଇଁ ସଂପୂର୍ଣ୍ଣ ଭାବରେ ସମର୍ଥ ଅଟନ୍ତି । ଈଶ୍ୱର ସେହି ଲୋକମାନଙ୍କୁ ଲକ୍ଷ୍ୟ କରୁଥାନ୍ତି ଯେଉଁମାନେ ଅନ୍ୟାୟ ଆଚରଣ ସହ୍ୟ କଲେ ସୁଦ୍ଧା ତାଙ୍କ ପ୍ରତି ବିଶ୍ୱସ୍ତଭାବରେ ବାଧ୍ୟ ରହିଥାନ୍ତି । ''କେହି ଯେବେ ଈଶ୍ୱରଙ୍କୁ ସାକ୍ଷାତ୍ ମାନି ଅନ୍ୟାୟରେ ଦୁଃଖଭୋଗ କରି କଷ୍ଟ ସହ୍ୟ କରେ, ତେବେ ତାହା ପ୍ରଶଂସାର ବିଷୟ'' (୧ ପିତର ୨:୧୯) ।

## ଈଶ୍ୱର ଅନୁଚିତ ପରିବେଶ ଓ ଘଟଣାଗୁଡ଼ିକୁ ଅନୁମତି ଦିଅନ୍ତି ।

ଈଶ୍ୱର ବେଳେ ବେଳେ ନିଜ ଜ୍ଞାନରେ ତାଙ୍କର ବିଶ୍ୱସ୍ତ ଅନୁଗାମୀମାନଙ୍କୁ ଆକ୍ରାନ୍ତ କରିବା ପାଇଁ ଅନୁଚିତ, ଏପରିକି ଅପମାନଜନକ ପରିସ୍ଥିତିକୁ ଅନୁମତି ଦିଅନ୍ତି (ଗୀତ ୧୧୯:୭୫) ।

ଏବ୍ରୀ ୧୧ର ବିଶ୍ୱାସ ଅଧ୍ୟାୟ ଈଶ୍ୱରଙ୍କ ଦାସମାନଙ୍କର ଦୁଃଖଭୋଗ ବିଷୟ ବର୍ଣ୍ଣନା କରିଛି : ''ଅନ୍ୟମାନେ ବିଦ୍ରୁପ, କୋରଡ଼ା ପ୍ରହାର, ହଁ, ବନ୍ଧନ ଓ କାରାବାସ ଦ୍ୱାରା ସୁଦ୍ଧା ପରୀକ୍ଷିତ ହେଲେ । କେହି ଅବା ପ୍ରସ୍ତରାଘାତରେ ହତ, କେହି ଅବା ନିର୍ଯ୍ୟାତିତ, କେହି କରତ ଦ୍ୱାରା ଦ୍ୱିଖଣ୍ଡିତ, ପୁଣି କେହି ଅବା ଖଡ୍ଗ ଦ୍ୱାରା ନିହତ ହେଲେ । କେହି କେହି ମେଷ ଓ ଛାଗଳର ଚର୍ମରେ ଆଚ୍ଛାଦିତ, ଅଭାବଗ୍ରସ୍ତ, କ୍ଲିଷ୍ଟ ଓ ନିଗ୍ରହପ୍ରାପ୍ତ ହେଲେ ।''

ଯୀଶୁ ଖ୍ରୀଷ୍ଟ ସଂପୂର୍ଣ୍ଣ ଭାବରେ ଏକ ନିଷ୍ପାପ ଜୀବନ କାଟିଥିଲେ ଓ ନିର୍ଦ୍ଦୟ ବ୍ୟବହାର ପାଇବା ପାଇଁ ଯୋଗ୍ୟ ନ ଥିଲେ (ମାଥିଉ ୧୬:୨୧) । ଏହିପରି ଭୟଙ୍କର ଅନ୍ୟାୟ ପ୍ରତି ତାଙ୍କର ପ୍ରତିକ୍ରିୟା କ'ଣ ଥିଲା ? ସେ ସ୍ୱେଚ୍ଛାରେ ନିଜର ପରିବେଶକୁ ନିଜ ପିତାଙ୍କର ନ୍ୟାୟବାନ୍ ଓ ଶକ୍ତିଶାଳୀ ହସ୍ତରେ ସମର୍ପଣ କରିଥିଲେ । ''ସେ ନିନ୍ଦା ପାଇବା ସମୟରେ ଫେରି ନିନ୍ଦା କଲେ ନାହିଁ, ଦୁଃଖଭୋଗ କରିବା ସମୟରେ ପ୍ରତିହିଂସା କରିବାକୁ ଭୟ ଦେଖାଇଲେ ନାହିଁ, କିନ୍ତୁ ନ୍ୟାୟ ବିଚାର କର୍ତ୍ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କଲେ'' (୧ ପିତର ୨:୨୩) । ବାସ୍ତବରେ ଯୀଶୁ ପ୍ରାର୍ଥନା କରିଥିଲେ, ''ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ'' (ଲୂକ ୨୩:୩୪) ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


## ଆମର ସହଯୋଗୀ ସଂପାଦକ, ମାନୁୟେଲ ଏମ୍. ପଲ୍‌ରାଜଙ୍କ ଦ୍ୱାରା ଲିଖିତ ନୂତନ ପୁସ୍ତକ

ଇଂରାଜୀ ପୁସ୍ତକ ''ଈଶ୍ୱରଙ୍କ ରାଜ୍ୟ'' (Kingdoim of God) ଯାହାକୁ ଆମର ସହଯୋଗୀ ସଂପାଦକ, ମାନୁୟେଲ ଏମ୍. ପଲ୍‌ରାଜ ଲେଖିଛନ୍ତି, ତାହା ବର୍ତ୍ତମାନ ଆମ ଛାପାକଳରେ ମୁଦ୍ରିତ ହେଉଅଛି । ଏହା ଏହି ମାସର ଶେଷ ଆଡ଼କୁ ପ୍ରକାଶିତ ହେବ । ଏହାର ସାଧାରଣ ମୂଲ୍ୟ ଟ.୧୩୦/- ମାତ୍ର । ଏହା ପାଇବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ ।

**ସଂପାଦକ**

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୦ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

## ପ୍ରଶଂସାର ବିଷୟ

ସେପ୍ଟେମ୍ବର-୧୯ ସଦାପ୍ରଭୁ ପରମେଶ୍ୱର ଆମକୁ କୋଭିଡ୍-୧୯ରୁ ସୁରକ୍ଷା ଦେଇଛନ୍ତି ।

ସେପ୍ଟେମ୍ବର-୨୦ ସୁସମାଚାର ନେଇ ଦୁର୍ଗମ ଅଞ୍ଚଳଗୁଡ଼ିକରେ ପ୍ରବେଶ କରିବାରେ ଈଶ୍ୱର ଆମକୁ ସାହାଯ୍ୟ କରିଛନ୍ତି ।

ସେପ୍ଟେମ୍ବର-୨୧ ଆମର ସମସ୍ତ ରାଜ୍ୟ-ସଂଯୋଜକମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର-୨୨ ଈଶ୍ୱର ୧୬ଟି ଭାଷାରେ ପ୍ରକାଶିତ, ଆମ ଛାପା କଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରକୁ ପ୍ରେରିତ ଆମର ପତ୍ରିକା ଉପରେ ଆଶୀର୍ବାଦ କରିଛନ୍ତି ।

ସେପ୍ଟେମ୍ବର-୨୩ ଆମର ମୁଖ୍ୟ ଉପାସନାଳୟଠାରେ ଥିବା ଆମର ସହକର୍ମୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର-୨୪ ଆମର ପ୍ରାର୍ଥନା ସାଥୀ, ଅର୍ଥ ସହାୟତା ଦେଉଥିବା ସଭ୍ୟ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀଗଣ ଓ ସେମାନଙ୍କର ପରିବାରଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ ।

ସେପ୍ଟେମ୍ବର-୨୫ ଆମର ପ୍ରିୟ ଭାଇ ଓ ସହଯୋଗୀ ସଂପାଦକ ମାନୁଏଲ୍ ଏମ୍.ପଲ୍‌ରାଜଙ୍କ ସ୍ୱାସ୍ଥ୍ୟ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର-୨୬ ଆମକୁ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତିମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର-୨୭ ଆମର ବାଇବଲ କୋର୍-ବେସିକ୍ କରେସ୍ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ ପାଠ୍ୟକ୍ରମ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର-୨୮ ଆମର ଗାଡ଼ିଗୁଡ଼ିକୁ ଓ ଆମର ଗାଡ଼ି ଚାଳକମାନଙ୍କୁ ସୁରକ୍ଷା ଦେଇଥିବାରୁ ସଦାପ୍ରଭୁ ପରମେଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର-୨୯ କରୋନା ଦ୍ୱାରା ଆକ୍ରାନ୍ତ ଲୋକମାନଙ୍କୁ ଓ ଆମର ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରୁଥିବା ଦୟାଳୁ ଲୋକମାନଙ୍କ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ।

ସେପ୍ଟେମ୍ବର-୩୦ ଈଶ୍ୱର ଆମର ଅନ୍-ଲାଇନ୍ ମଣ୍ଡଳୀ ଉପାସନାକୁ ଆଶୀର୍ବାଦ କରିଛନ୍ତି ।

ଅକ୍ଟୋବର -୧ ଈଶ୍ୱର ଗତମାସ 'ଆହ୍ୱାନର ପ୍ରତିଧ୍ୱନି'ର ସମସ୍ତ କାର୍ଯ୍ୟ ଉପରେ ଆଶୀର୍ବାଦ କରିଥିଲେ ।

ଅକ୍ଟୋବର -୨ ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦଶକ୍ତିରୁ ସୁରକ୍ଷା ଦେଇଛନ୍ତି ।

ଅକ୍ଟୋବର -୩ କରୋନା ଭୂତାଣୁ ଜନିତ ରୋଗର ସଂକ୍ରମଣକୁ ବନ୍ଦ କରିବା ପାଇଁ ଈଶ୍ୱର ଯେଉଁ ଅନୁଗ୍ରହ ପ୍ରଦାନ କରୁଛନ୍ତି, ସେଥି ନିମନ୍ତେ ତାହାଙ୍କର ପ୍ରଶଂସା କରନ୍ତୁ ।

## ପ୍ରାର୍ଥନାର ବିଷୟ

ଅକ୍ଟୋବର-୪ ଆମର ଇଂରାଜୀ ସହଯୋଗୀ ସଂପାଦକ ଭାଇ ଏମ୍.ପଲ୍‌ରାଜ ଓ ତାଙ୍କ ପରିବାର ସଦସ୍ୟ ଏବଂ ଭଉଣୀ ସେରେନା ବେଭିନ୍ ଓ ତାଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୫ ଆମର ଆଫ୍ରିକାନ୍‌ସ ସହଯୋଗୀ ସଂପାଦିକା, ଭଉଣୀ ମାରିଏତ୍‌ଜୀ ନେଲ୍‌ସନ୍ ଓ ତାଙ୍କ ପରିବାର ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୬ ଆମର ଉର୍ଦ୍ଦୁ ସହଯୋଗୀ ସଂପାଦକ, ଭାଇ ସୁରଜ କୁମାର ଚନ୍ଦାନୀ ଓ ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୭ ଆମର ମାଲାୟାଲାମ୍ ସହଯୋଗୀ ସଂପାଦକ, ରେଭ୍.ବେଞ୍ଜାମିନ୍ ମୋଜେସ୍ ଓ ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୮ ଆମର ତେଲୁଗୁ ସହଯୋଗୀ ସଂପାଦକ ଏନ୍.ମୋହନ ବାବୁ, ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୯ ଆମର ହିନ୍ଦୀ ସହଯୋଗୀ ସଂପାଦିକା, ଭଉଣୀ ଡ଼ରୋଥି ଥୋମାସ୍, ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୦ ଆମର କନ୍ନଡ଼ ସହଯୋଗୀ ସଂପାଦକ, ରେଭ୍.ଆର୍. ରାମକ୍ରିଷ୍ଣ, ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୧ ଆମର ମରାଠୀ ସହଯୋଗୀ ସଂପାଦକ, ରେଭ୍ ଶଶି ତିୱାରୀ, ତାଙ୍କର ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୨ ଆମର ଗୁଜୁରାଟୀ ସହଯୋଗୀ ସଂପାଦକ, ଭାଇ ପଙ୍କଜ ୱାଡ଼ିଆ, ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୩ ଆମର ବଙ୍ଗାଳୀ ସହଯୋଗୀ ସଂପାଦକ, ରେଭ୍.ଅଞ୍ଜନ କୁମାର ସିଂ, ତାଙ୍କ ପରିବାର ଓ ତାଙ୍କର ସହଯୋଗୀ ଭାଇ ଇନ୍ଦ୍ରଜିତ ଓ ସେମାନଙ୍କର ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୪ ଆମର ଓଡ଼ିଆ ସହଯୋଗୀ ସଂପାଦିକା, ଭଉଣୀ ସୁରମା ଶାମୁଏଲ ଓ ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୫ ଆମର ନେପାଳୀ ସହଯୋଗୀ ସଂପାଦକ, ଭାଇ ଭୁବନ୍ ପ୍ରସାଦ ଦେଭ୍‌କୋଟା, ତାଙ୍କ ପରିବାର, ବିଶେଷ ଭାବରେ ତାଙ୍କର ସ୍ତ୍ରୀ ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୬ ଆମର ସିଂହଳ ସହଯୋଗୀ ସଂପାଦକ ରେଭ୍.ଷ୍ଟିଫେନ୍ ଯୋଷେଫ, ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୭ ଆମର ଆସାମୀ ସହଯୋଗୀ ସଂପାଦିକା, ଶ୍ରୀମତୀ ବୋର୍ଣ୍ଣାଲୀ ଥାପା ରାଜ୍ ଓ ତାଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର-୧୮ ଆମର ପଞ୍ଜାବୀ ସହଯୋଗୀ ସଂପାଦକ, ଭାଇ ଆଶିଷ ଓ ଭାଇ ବିଶ୍ୱାସ ମସି ଓ ସେମାନଙ୍କ ପରିବାର ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

## ଆଜିର ଜଗତର ଉର୍ଦ୍ଧ୍ୱକୁ ଦେଖିବା

ଈଶ୍ୱରଙ୍କର ବାର୍ତ୍ତା କ'ଣ ? ଏହା ହେଉଛି, ଠିକ୍ ସେହିପରି ପ୍ରତିକ୍ରିୟା ଦେଖାଇବା, ଠିକ୍ ଯେପରି ଖ୍ରୀଷ୍ଟ ଅନ୍ୟାୟ ଆଚରଣ ସହ୍ୟ କରିବା ସମୟରେ ଦେଖାଇଥିଲେ । ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରହିବା ପାଇଁ ପାଉଲ ପରାମର୍ଶ ଦେଇଥିଲେ (ଏବ୍ରୀ ୧୨:୧୪) । ପ୍ରେମ ଓ କ୍ଷମା ଦ୍ୱାରା ଅନ୍ୟାୟ ଆଚରଣକୁ ନିୟନ୍ତ୍ରଣ କରିବା ପାଇଁ ଯୀଶୁ ଖ୍ରୀଷ୍ଟ ନିଜ ଅନୁଗାମୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଅବଶ୍ୟ, ଏପରି କେତେକ ଘଟଣା ଥାଇପାରେ ଯେତେବେଳେ ଆମେ ସମ୍ମାନର ସହିତ ଅନ୍ୟାୟ ଆଚରଣର ପ୍ରତିରୋଧ କରିପାରିବା । ଉଦାହରଣ ସ୍ୱରୂପ, ପ୍ରେରିତ ପାଉଲ ସାମରିକ ପଦାଧିକାରୀମାନଙ୍କର ଅସଦାଚରଣରୁ ନିଜକୁ ରକ୍ଷା କରିବା ପାଇଁ ଜଣେ ରୋମୀୟ ନାଗରିକ ଭାବରେ ତାଙ୍କର ଅଧିକାରକୁ ବ୍ୟବହାର କରିଥିଲେ (ପ୍ରେରିତ ୨୨:୨୫) ।

କୌଣସି ବ୍ୟକ୍ତି ସହିତ ମତାନ୍ତର ହେଲେ ଗୋଟିଏ ବୁଝାମଣା ପାଇଁ ସେହି ବ୍ୟକ୍ତି ନିକଟକୁ ଯିବା ନିମନ୍ତେ ଓ ଶାନ୍ତିପୂର୍ଣ୍ଣ ଭାବରେ ଓ ଚତୁରତାର ସହିତ ସମସ୍ୟା ବିଷୟରେ ଆଲୋଚନା କରିବା ନିମନ୍ତେ ବାଇବଲ ଆମକୁ ପରାମର୍ଶ ଦେଇଛି (ମାଥିଉ ୧୮:୧୫-୧୬, ଗାଲାତୀୟ ୬:୧-୨) ।

ପାଉଲ ମଧ୍ୟ ଏହା ଜାଣି ପାରିଥିଲେ ଯେ ଏହି ବର୍ତ୍ତମାନ ଯୁଗରେ ସର୍ବଦା ସନ୍ତୋଷଜନକ ନ୍ୟାୟ ମିଳିବ ନାହିଁ (ଗାଲା ୧:୪, ଲୂକ ୪:୬) । ଆଜିର ଉର୍ଦ୍ଧ୍ୱକୁ ଚାହିଁ ସେ ଲେଖିଥିଲେ : ''କାରଣ ମୋ' ବିଚାରରେ, ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ, ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ହିଁ ନୁହେଁ'' (ରୋମୀୟ ୮:୧୮) ।

## ଅନ୍ତିମ ଉତ୍ତର

ବାସ୍ତବତା ହେଉଛି, ପ୍ରତ୍ୟେକ ଜଣ ଅନ୍ୟାୟର ଅନୁଭୂତି ପାଆନ୍ତି । ଏହା ନିଶ୍ଚିତଭାବରେ ଆନୀ ସୁଲିଭାନ୍, ଯୋଷେଫ ଓ ବିଶେଷ ଭାବରେ ଯୀଶୁ ଖ୍ରୀଷ୍ଟଙ୍କ କ୍ଷେତ୍ରରେ ସତ୍ୟ ଥିଲା, ଯେଉଁମାନେ ଅତିରିକ୍ତ ଅନ୍ୟାୟ ସହ୍ୟ କରିଥିଲେ (ଏବ୍ରୀ ୧୨:୨) । ଅନ୍ୟାୟ ଆଚରଣ ପ୍ରତି କିପରି ପ୍ରତିକ୍ରିୟା ଦେଖାଇବା, ତାହା ମନେରଖିବା ମୁଖ୍ୟ ନିୟମ ଅଟେ ।

ଅନ୍ୟାୟ ପରିସ୍ଥିତି କିମ୍ବା କାର୍ଯ୍ୟ ପ୍ରତି କ୍ରୋଧ, ବିରକ୍ତି ଓ ପ୍ରତିହିଂସା ଦେଖାଇବା ଏହାର ସଠିକ୍ ଉତ୍ତର ନୁହେଁ (ଏଫିସୀୟ ୪:୩୧-୩୨) । ବରଂ, ବିଶ୍ୱାସ ଓ ବାଧ୍ୟତାରେ ଈଶ୍ୱରଙ୍କ ଉପରେ ଭରସା ରଖିବା ଦ୍ୱାରା ମନରେ ପ୍ରକୃତ ଶାନ୍ତି ଆସିଥାଏ ଓ ଉପଯୁକ୍ତ ସମୟରେ ଅନନ୍ତ ଜୀବନ ମଧ୍ୟକୁ ପ୍ରବେଶାଧିକାର ମିଳେ (ଫିଲିପ୍ପୀୟ ୪:୬-୭, ମାଥିଉ ୧୯:୧୭) ।

ଏପରି ସମୟ ଆସୁଅଛି ଯେତେବେଳେ ଯୀଶୁ ଖ୍ରୀଷ୍ଟ ପୃଥିବୀରେ ରାଜତ୍ୱ କରିବେ (ପ୍ରକାଶିତ ୫:୧୦, ୧୧:୧୫, ୨୦:୧-୫) । ସେହି ଦିନ ଆରମ୍ଭ ହେଲେ, ସମସ୍ତ ଅସମାନତା, ଏପରିକି ବ୍ୟକ୍ତିଗତଭାବେ ଅନୁଭୂତ ହେଉଥିବା ଅସମାନତା ଦୂର ଅତୀତର ଓ ବିସ୍ମୃତିର ବିଷୟ ହୋଇଯିବ (ରୋମୀୟ ୮:୧୮, ୩୫-୩୯) ।

ସେଥିପାଇଁ ପରବର୍ତ୍ତୀ ସମୟରେ ଆପଣ ଅନୁଚିତ ବ୍ୟବହାର ପାଇବା ସମୟରେ ସଠିକ୍ ପ୍ରତିକ୍ରିୟା ଦେଖାଇପାରିବେ । ଏହା ଫଳରେ ଆପଣ କ'ଣ କରିବା ଉଚିତ୍ ? ସତର୍କ ଭାବରେ ସ୍ମରଣ କରନ୍ତୁ ଯେ ''ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ'' (ରୋମୀୟ ୮:୨୮) । ଆସନ୍ତୁ, ଜୀବନରେ ଅନ୍ୟାୟର ସମ୍ମୁଖୀନ ହେବା ସମୟରେ ଏହି ଅନୁଚ୍ଛେଦ ଉପରେ ଚିନ୍ତା କରି ସେହି ଅନୁସାରେ କାର୍ଯ୍ୟ କରିବା ।

**– ଓ.ଜନ୍. ବିଶୋନିୟର**

# ମଣ୍ଡଳୀ ଅଭିବୃଦ୍ଧି ନିମନ୍ତେ ପ୍ରାର୍ଥନାର ଶକ୍ତି
## (THE POWER OF PRAYER FOR CHURCH GROWTH)

**ଡେଭିଡ୍. ୟୋଙ୍ଗି ଚୋ**

ମୁଁ ଏପରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ କହିବାକୁ ଚାହୁଁଛି, ଯାହା ମଣ୍ଡଳୀର ଅଭିବୃଦ୍ଧି ଆଣିଥାଏ । ମଣ୍ଡଳୀର ଅଭିବୃଦ୍ଧି ପାଇଁ ଆମକୁ ପ୍ରଭୁଙ୍କଠାରୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିବାକୁ ହେବ । ମଣ୍ଡଳୀ ଅଭିବୃଦ୍ଧି ଆପେ ଆପେ ଘଟେ ନାହିଁ । ସେଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି, ବହୁ ପରିମାଣରେ ପ୍ରାର୍ଥନା ।

ପ୍ରାର୍ଥନା ବିନା, ଆମେ ମଣ୍ଡଳୀ ଅଭିବୃଦ୍ଧିର ସ୍ୱପ୍ନ ସୁଦ୍ଧା ଦେଖିପାରିବା ନାହିଁ । ଅନେକ ଲୋକ ମାନବ କୌଶଳ ଦ୍ୱାରା ଅଭିବୃଦ୍ଧି ଆଣିବାକୁ ଚେଷ୍ଟା କରନ୍ତି, ମାତ୍ର ସେମାନେ ବିଫଳ ହୁଅନ୍ତି । ମଣ୍ଡଳୀ ଅଭିବୃଦ୍ଧି ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଓ ଅତ୍ୟଧିକ ପ୍ରାର୍ଥନା ମାଧ୍ୟମରେ ଆସେ ।

ଆମେ ଯେପରି ସଦାପ୍ରଭୁଙ୍କର ପ୍ରଶଂସା ଓ ଆରାଧନା କରିପାରିବୁ, ଏଥିପାଇଁ ଆମେ ତାଙ୍କ ଦ୍ୱାରା ସୃଷ୍ଟ ହୋଇଛୁ । ପ୍ରଭୁଙ୍କ ସେବାକାର୍ଯ୍ୟ ପ୍ରଭୁଙ୍କର ପ୍ରଥମ ଆବଶ୍ୟକତା ଅଟେ । ଆମେ ଭାବୁ ଯେ ଆମକୁ ଆମର ସେବାକାର୍ଯ୍ୟ ପାଇଁ, ଆମର ପରିବାର ପାଇଁ ଓ ଅନ୍ୟ ସମସ୍ତ ବିଷୟ ପାଇଁ ଓ ଏହାପରେ ଶେଷରେ ପ୍ରଭୁଙ୍କ ସେବାକାର୍ଯ୍ୟ ପାଇଁ ପ୍ରାର୍ଥନା କରିବାକୁ ହେବ । ତାହା ଏକ ବଡ଼ ଭୁଲ୍ ଅଟେ । ପ୍ରଭୁଙ୍କର ସେବାକାର୍ଯ୍ୟ ଆମ ଜୀବନର ସର୍ବ ପ୍ରଥମ ବିଷୟ ହେବା ଉଚିତ୍ । ସେଥିପାଇଁ ଆମକୁ ଏହି ଜଗତ ମଧ୍ୟକୁ ଆହ୍ୱାନ କରାଯାଇଛି ।

ଈଶ୍ୱର ସର୍ବଶକ୍ତିମାନ ଅଟନ୍ତି ଓ ସେ ଆମର ସହଭାଗିତା ଆବଶ୍ୟକ କରନ୍ତି ନାହିଁ ମାତ୍ର ତାହା ଏକ ଭୟଙ୍କର ମିଥ୍ୟା ଅଟେ । ଈଶ୍ୱର ପ୍ରେମ ଅଟନ୍ତି ଓ ପ୍ରେମରେ ସହଭାଗିତା ପାଇଁ ଏକ ଅସୀମ ଇଚ୍ଛା ଥାଏ । ଯେତେବେଳେ ଆପଣ ଆପଣଙ୍କର ସ୍ୱାମୀ କିମ୍ବା ସ୍ତ୍ରୀଙ୍କୁ ପ୍ରେମ କରନ୍ତି, ସେତେବେଳେ ଆଣ ଏକତ୍ର ଅଧିକରୁ ଅଧିକ ସମୟ କାଟିବା ପାଇଁ ଇଚ୍ଛା କରନ୍ତି, କାରଣ ପ୍ରେମ ସହଭାଗିତା ଚାହେଁ । ଈଶ୍ୱର ଆପଣଙ୍କୁ ଅସୀମ ପ୍ରେମ କରନ୍ତି ଓ ଆପଣଙ୍କ ସହିତ ଗଭୀର ସହଭାଗିତା ରଖିବାକୁ ଇଚ୍ଛା କରନ୍ତି ।

ପ୍ରକାଶିତ ୪:୧୧ – ''ହେ ଆମ୍ଭମାନଙ୍କର ପ୍ରଭୁ ଓ ଈଶ୍ୱର, ତୁମ୍ଭେ ଗୌରବ, ସମ୍ଭ୍ରମ ଓ ପରାକ୍ରମ ପାଇବାକୁ ସୁଭାଜନ ଅଟ । ତୁମ୍ଭେ ସମସ୍ତ ସୃଷ୍ଟି କରିଅଛ, ଆଉ ତୁମ୍ଭ ଇଚ୍ଛାରେ ସେହସିସବୁ ସତ୍ତ୍ୱା ପ୍ରାପ୍ତ ହୋଇ ସୃଷ୍ଟି ହୋଇଅଛନ୍ତି ।''

ଆପଣଙ୍କ ଜୀବନର ପ୍ରଥମ ଦାୟିତ୍ୱ ହେଉଛି ପ୍ରଭୁଙ୍କ ପ୍ରତି ପ୍ରଶଂସା, ଉପାସନା ଓ ପ୍ରାର୍ଥନା ସହଭାଗିତା ପ୍ରଦାନ କରିବା । ଅନେକ ଲୋକ ମୋତେ କହନ୍ତି ଯେ ପ୍ରାର୍ଥନା କରିବା ପାଇଁ ସେମାନଙ୍କ ନିକଟରେ ସମୟ ନାହିଁ କାରଣ ସେମାନେ ବହୁତ ବ୍ୟସ୍ତ ରହନ୍ତି । ସାଧାରଣ ଭାବରେ, ଏହି ଲୋକମାନଙ୍କ ମଣ୍ଡଳୀରେ ୫୦୦ ରୁ ୧୦୦୦ ଲୋକ ଥାଆନ୍ତି ଓ ସେମାନଙ୍କ ବାହାନାକୁ ମୁଁ ଗ୍ରହଣ କରେ ନାହିଁ, ଆମ ମଣ୍ଡଳୀରେ ୭୦୦,୦୦୦ରୁ ଅଧିକ ଲୋକ ଅଛନ୍ତି, ମାତ୍ର ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ ମୋ ପାଖରେ ଯଥେଷ୍ଟ ସମୟ ଅଛି । ମୋ' ନିକଟରେ ପ୍ରତି ଦିନ ଅନେକ କାର୍ଯ୍ୟ ରହିଥାଏ । ମୋ' ଅଧୀନରେ ୭୦୦ ସେବକ, ୭୦୦ କର୍ମଚାରୀ ଓ ଲଣ୍ଡନ, ପ୍ୟାରିସ୍, ୱାଶିଂଟନ ଡି.ସି., ନ୍ୟୁୟର୍କ, ମସ୍କୋ ଓ ସମଗ୍ର ପୃଥିବରେ ପ୍ରାୟ ୮୦୦ ଜଣ ସମ୍ପାଦିକ ଅଛନ୍ତି । ମୋତେ ଏହି ସମସ୍ତ ଲୋକଙ୍କ ପାଇଁ ଦୈନିକ ନିଷ୍ପତ୍ତି ନେବାକୁ ହୁଏ । ମୁଁ ମୋର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଯଥେଷ୍ଟ ସମୟ ନ କାଟିବା ପର୍ଯ୍ୟନ୍ତ, ଏସବୁ କାର୍ଯ୍ୟରେ ଆଦୌ ହସ୍ତକ୍ଷେପ କରେ ନାହିଁ ।

ମୁଁ ପ୍ରଭୁଙ୍କର ଧାର୍ମିକତା, ଶାନ୍ତି ଓ ଆନନ୍ଦ ଉପଭୋଗ ନ କରିବା ପର୍ଯ୍ୟନ୍ତ ତାଙ୍କ ସହଭାଗିତାରେ ରହିଥାଏ, ଏହାପରେ ସେ କହନ୍ତି, ''ଆଜି ପାଇଁ ସେତିକି ଯଥେଷ୍ଟ ।'' ଏହାପରେ ସେ ମୋତେ ତାଙ୍କର ଆଶ୍ଚର୍ଯ୍ୟଜନକ ଆନନ୍ଦରେ ପରିପୂର୍ଣ୍ଣ କରନ୍ତି ଓ ମୁଁ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟରୁ ବାହାରି ଆସେ । ଏହାପରେ ତାଙ୍କ ଉପସ୍ଥିତି ଦିନସାରା ମୋର ସହବର୍ତ୍ତୀ ହୁଏ ଓ ମୁଁ ଅତି ସଫଳତା ଓ ଦକ୍ଷତାର ସହିତ ତାଙ୍କର ସେବା କାର୍ଯ୍ୟ ସଂପାଦନ କରିପାରେ । ଶୂନ୍ୟ ଧର୍ମ ବିଧି ଲୋକମାନଙ୍କୁ ବାସ୍ତବରେ ସାହାଯ୍ୟ କରିପାରିବ ନାହିଁ । ଯଦି ଆପଣ ଈଶ୍ୱରଙ୍କ ଧାର୍ମିକତା, ଶାନ୍ତି ଓ ଆନନ୍ଦରେ ଲୋକମାନଙ୍କ ଆବଶ୍ୟକତା ପୂରଣ କରନ୍ତି, ତେବେ ଆପଣ ବାସ୍ତବରେ ସେମାନଙ୍କ ଆବଶ୍ୟକତା ପୂରଣ କରନ୍ତି । ଯଦି ଆପଣ ଈଶ୍ୱରଙ୍କ ଶକ୍ତି ବିନା କେବଳ କାର୍ଯ୍ୟ କରିଚାଲନ୍ତି, ତେବେ ଆପଣ କେବଳ ଛଳନା ବ୍ୟବହାର କରୁଥାନ୍ତି । ଏହା ଏକ ଭୟଙ୍କର ପ୍ରହସନ ଅଟେ । ସେଥିପାଇଁ ଈଶ୍ୱରଙ୍କର ଜଣେ ବାସ୍ତବ ସେବକ ହେବା ପାଇଁ, ଆପଣ ପ୍ରତିଦିନ, ଅନ୍ତତଃ ଏକ ଘଣ୍ଟା ପ୍ରାର୍ଥନାରେ ସମୟ କାଟିବା ଆବଶ୍ୟକ ।

କିନ୍ତୁ ଜଣେ ସେବକ ଭାବରେ କେବଳ ଏକ ଘଣ୍ଟା ପ୍ରାର୍ଥନା କରିବା ଲଜ୍ଜାଜନକ ଅଟେ । ଦିନକୁ ତିନି ଘଣ୍ଟା ପ୍ରାର୍ଥନା କରିବା ପାଇଁ ମୁଁ ମୋର ସେବକ (ପ୍ରଚାରକ)ମାନଙ୍କୁ କହେ । ସେଥିପାଇଁ ଯଦି ସେମାନେ ପ୍ରଚାର କାର୍ଯ୍ୟରେ ବାହାରକୁ ଯାଇ ନ ପାରନ୍ତି, ତଥାପି ତାହା ମୋ' ପାଇଁ ସଠିକ୍ ଅଟେ । ଯଦି ଆପଣ ପ୍ରାର୍ଥନାରେ ୩ ଘଣ୍ଟାରୁ ଅଧିକ ସମୟ କାଟନ୍ତି, ତେବେ ଆପଣ ଲୋକମାନଙ୍କ ନିକଟକୁ ଯିବା ସମୟରେ ଈଶ୍ୱରଙ୍କ ଶକ୍ତି ଆପଣଙ୍କ ନିକଟରେ ରହିଥାଏ ଓ ଆପଣ ଈଶ୍ୱରଙ୍କ ଶକ୍ତି ବିନା ୧୦ ଘଣ୍ଟାରେ ଯାହା କରିଥା'ନ୍ତେ, ତାହାକୁ ଗୋଟିଏ ଘଣ୍ଟାରେ କରିପାରନ୍ତି । ଈଶ୍ୱରଙ୍କ ସାକ୍ଷାତ୍‌ରେ ସମୟ କାଟିବା ଦ୍ୱାରା ଆପଣ ବାସ୍ତବବାଦୀ ହୁଅନ୍ତି । ଆମର କାର୍ଯ୍ୟର ପରିମାଣ ସହିତ ଅନ୍ୟର କାର୍ଯ୍ୟର ପରିମାଣକୁ ତୁଳନା କରିବା ଭୁଲ୍ ଅଟେ । ଈଶ୍ୱରଙ୍କ ସମ୍ମୁଖରେ ପରିମାଣ ନୁହେଁ, ମାତ୍ର ପ୍ରକୃତ ମାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ମୁଁ ଯୁବକ ଥିବା ସମୟରେ, ମୋର ମଣ୍ଡଳୀର ଅଭିବୃଦ୍ଧିକୁ ଅନ୍ୟମାନଙ୍କ ମଣ୍ଡଳୀ ସହିତ ତୁଳନା କରିବାକୁ ଭଲ ପାଉଥିଲି ମାତ୍ର ବର୍ତ୍ତମାନ ତାହା ଆଦୌ କରେ ନାହିଁ । ମୋ' ମଣ୍ଡଳୀରେ ୧,୦୦୦,୦୦୦ ଲୋକ ଥାଇ ପାରନ୍ତି, ମାତ୍ର ଯଦି ମୁଁ ଈଶ୍ୱରଙ୍କ ସହିତ ଠିଆ ହୋଇଥିବା ଜଣେ ଫମ୍ପା ଖ୍ରୀଷ୍ଟିଆନ ଅଟେ, ତେବେ ଏହା ଅର୍ଥ ଶୂନ୍ୟ ଓ ମୂଲ୍ୟହୀନ ଅଟେ । ଆପଣ ଆତ୍ମିକ ପରିସରରେ ଯେତେ ଅଧିକ ସମୟ କାଟନ୍ତି, ଆପଣଙ୍କ ସେବା କାର୍ଯ୍ୟରେ ପବିତ୍ର ଆତ୍ମାଙ୍କୁ ସେତେ ଅଧିକ ଅନୁଭବ କରନ୍ତି । ଆପଣ ଶରୀରର ଶକ୍ତିରେ ନୁହେଁ, ମାତ୍ର ପବିତ୍ର ଆତ୍ମାଙ୍କ ଶକ୍ତିରେ କାର୍ଯ୍ୟ କରନ୍ତି । ମୁଁ ଯୁବକ ଥିବା ସମୟରେ, ଏହା ଭାବୁଥିଲି ଯେ ମୋର ସ୍ୱର ଯେତେ ଜୋର୍ ହେବ, ମୁଁ ସେତେ ଅଧିକ ଶକ୍ତି ପାଇବି । ମୋର ସ୍ୱର ଅତି କର୍କଶ ଥିଲା, କାରଣ ମୁଁ ସର୍ବଦା ଚିତ୍କାର କରୁଥିଲି । ମୁଁ ଅତିରିକ୍ତ ଚିତ୍କାର କରୁଥିଲି, ମୁଁ ରବିବାର ଉପାସନାରେ, ପ୍ରାତଃକାଳୀନ ପ୍ରାର୍ଥନା ସଭାରେ ଓ ରାତି ଉଜାଗର ପ୍ରାର୍ଥନା ସଭାରେ ଚିତ୍କାର କରୁଥିଲି, ମାତ୍ର ମୁଁ ବହୁପରିମାଣର ମାନବଶକ୍ତି ବ୍ୟବହାର କରୁଥିଲି ବୋଲି ବର୍ତ୍ତମାନ ଉପଲବ୍ଧି କରୁଅଛି ।

ଯେତେବେଳେ ଆପଣ ବାସ୍ତବରେ ଈଶ୍ୱରଙ୍କ ଶକ୍ତିରେ ଥାଆନ୍ତି, ସେତେବେଳେ ଆପଣଙ୍କୁ ଚିତ୍କାର କରିବା ଆବଶ୍ୟକ ହୁଏ ନାହିଁ । ଯେତେବେଳେ ଈଶ୍ୱର ଆପଣଙ୍କ ହୃଦୟରେ ସଂପୂର୍ଣ୍ଣ ଭାବରେ ଥାଆନ୍ତି, ସେତେବେଳେ ଆପଣଙ୍କଠାରେ ପ୍ରଚୁର ଶାନ୍ତି, ସ୍ଥିରତା ଓ ଦୃଢ଼ ବିଶ୍ୱାସ ରହିଥାଏ । ଯଦି ଆପଣ ପ୍ରଭୁଙ୍କ ସହିତ ସମୟ କାଟିବେ ଅଧିକ ଲୋକ ପରିତ୍ରାଣ ପାଇବେ ଓ ସୁସ୍ଥ ହେବେ ଓ ଆପଣ ପବିତ୍ର ଆତ୍ମାଙ୍କ ମହା ଶକ୍ତିରେ ସେବାକାର୍ଯ୍ୟ ପରିଚାଳନା କରିବେ ।


## TAX EXEMPTION

Donations by any individual or organization to **Echo of His Call Educational Trust** are eligible for Income Tax exemption under Section 80G of the Income Tax Act. Official receipts will be issued for this purpose. Please make your Demand Drafts / Cheques / M.O. for such donations in favour of **Echo of His Call Educational Trust** and send to us.

**Account Name : ECHO OF HIS CALL EDUCATIONAL TRUST**
**Account Number : 1023 2923 805**
**Bank Name : STATE BANK OF INDIA**
**Branch : TRIPLICANE, CHENNAI - 600 005**
**IFSC Code : SBIN 0000249**


## ଗୋଟିଏ ପ୍ରେମପୂର୍ଣ୍ଣ ଅନୁରୋଧ

## (A LOVING REQUEST)

ଆମକୁ କର୍ମଚାରୀମାନଙ୍କର ଦରମା, କାଗଜ କିଣିବା ପାଇଁ ଖର୍ଚ୍ଚ ଓ ଯାତ୍ରା ଖର୍ଚ୍ଚ, ଇତ୍ୟାଦି ଭଳି ଅନେକ ଆବଶ୍ୟକତା ପୂରଣ କରିବାକୁ ପଡୁଥିବାରୁ, ଆମେ ଅତି ଚାପଗ୍ରସ୍ତ ଅଛୁ । ସାଧାରଣ ଭାବରେ, ଆମେ କାହାରିକୁ ଅର୍ଥ ସହାୟତା ମାଗି ନ ଥାଉ । ମାତ୍ର ଯେଉଁମାନେ ଏହି ସେବାକାର୍ଯ୍ୟକୁ ପ୍ରେମ କରନ୍ତି, ସେମାନେ ଯେପରି କିଛି ଦାନ ମନି ଅର୍ଡର, ଚେକ୍, ଡିମାଣ୍ଡଡ୍ରାଫ୍ଟ, ଫୋନ୍-ପେ କିମ୍ବା ଏନିଏଫ୍‌ଟି ମାଧ୍ୟମରେ ଆମ ନିକଟକୁ ପ୍ରେରଣ କରିବେ, ଏଥିପାଇଁ ଆମେ ସେମାନଙ୍କୁ ବିଶେଷ ଅନୁରୋଧ କରୁଅଛୁ । ପ୍ରଭୁ ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

*ସଂପାଦକ*
*ଆହ୍ୱାନର ପ୍ରତିଧ୍ୱନି*

## ମୋର ସାକ୍ଷ୍ୟ



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ । ମୁଁ ପାଳକ ପିଟର ରାୟ ଏହି ସାକ୍ଷ୍ୟ ଲେଖୁଅଛି ।

କିଛି ସପ୍ତାହ ପୂର୍ବରୁ, ମୁଁ ହଠାତ୍ ଅସୁସ୍ଥ ହେଲି ଓ ମୁଁ କୋଭିଡ୍-୧୯ ଦ୍ୱାରା ଆକ୍ରାନ୍ତ ହୋଇଛି ବୋଲି ଜଣା ପଡ଼ିଲା । ମୋର ଅବସ୍ଥା ଅତି ଖରାପ ହେଲା ଓ ମୋତେ ଅକ୍ସିଜେନ୍ ଦିଆଗଲା । ଯେଉଁଦିନ ମୁଁ ଡାକ୍ତରଖାନାରେ ଭର୍ତ୍ତି ହେଲି, ସେହି ଦିନ ହିଁ ଡାକ୍ତରମାନେ ମୋର ବଞ୍ଚିବାର ଆଶା ଛାଡ଼ି ଦେଇ କହିଥିଲେ ଯେ ମୋତେ ଯେ ପର୍ଯ୍ୟନ୍ତ ଅକ୍ସିଜେନ୍ ଦିଆଯାଉଥିବ, ସେ ପର୍ଯ୍ୟନ୍ତ ମୁଁ ଜୀବିତ ରହିବି । ମୁଁ କିପରି ଡାକ୍ତରଖାନାରୁ ଡାକ୍ତର ଖାନାକୁ ସ୍ଥାନାନ୍ତରିତ ହେଉଥିଲି ଓ ମୋର କି ଚିକିତ୍ସା କରାଯାଉଥିଲା, ତାହା ମୋର ମନେ ନାହିଁ । ମୋର ସ୍ତ୍ରୀ ମଧ୍ୟ ଅସୁସ୍ଥ ଥିଲେ ଓ ତାଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମୋତେ ଜରୁରୀକାଳୀନ କକ୍ଷ - ବିପର୍ଯ୍ୟୟ କକ୍ଷରେ ଭର୍ତ୍ତି କରାଯାଇଥିଲା । ମୋର ୱାର୍ଡରେ ପ୍ରତିଦିନ ଦୁଇ କିମ୍ବା ତିନି ଜଣ ଲୋକ ମୃତ୍ୟୁବରଣ କରୁଥିଲେ ଓ ମୁଁ ମୋ' ହୃଦୟରେ ଅନୁଭବ କରୁଥିଲି ଯେ ଠିକ୍ ସମୟରେ ମୋର ପାଳି ଆସିବ । ମୁଁ ମୋ' ପରିବାର କିମ୍ବା କାହାରି ସହିତ ଯୋଗାଯୋଗ କରି ପାରୁ ନ ଥିଲି । ମୁଁ ସମସ୍ତ ଆଶା ପରିତ୍ୟାଗ କରି, ଅତି ବିଶ୍ୱାସର ସହିତ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ପ୍ରାର୍ଥନା କରିବାରେ ଲାଗିଲି । ଈଶ୍ୱର ମୋ' ପାଇଁ ଓ ମୋ' ପରିବାର ପାଇଁ ଆଶ୍ଚର୍ଯ୍ୟଜନକ ଭାବରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ ।

ଶହ ଶହ ଲୋକ ଆମ ପାଇଁ ପ୍ରାର୍ଥନା କରୁଥିଲେ ! ଈଶ୍ୱରଙ୍କର ପ୍ରଶଂସା ହେଉ ! ମୋର ସ୍ତ୍ରୀ ଓ କନ୍ୟା ନିକଟକୁ ବହୁସଂଖ୍ୟକ ଫୋନ୍ ଓ ବାର୍ତ୍ତା ଆସୁଥିଲା, ଯାହା ଆମକୁ ଏହି ବିଷୟରେ ନିରନ୍ତର ଉତ୍ସାହିତ କରୁଥିଲା ଯେ ଈଶ୍ୱର ସମସ୍ତ ବିଷୟକୁ ନିୟନ୍ତ୍ରଣ କରୁଛନ୍ତି ଓ ଆମ ପାଇଁ ତାଙ୍କର ଏକ ଯୋଜନା ଅଛି । ଶହ ଶହ ଲୋକ ନିରବଚ୍ଛିନ୍ନ ଭାବରେ ଆମ ପାଇଁ ପ୍ରାର୍ଥନା କରୁଥିଲେ ଓ ପ୍ରଭୁ ସେମାନଙ୍କ ପ୍ରାର୍ଥନାର ଉତ୍ତର ଦେଇଛନ୍ତି । ଯେଉଁମାନଙ୍କୁ ଆମେ ପୂର୍ବରୁ ଆଦୌ ଜାଣି ନ ଥିଲୁ, ସେମାନେ ଆମର ପରିବାର-ସଦୃଶ ହୋଇଥିଲେ ଓ ପ୍ରେମ ଓ ଆନ୍ତରିକତାର ସହିତ ଆମ ପାଇଁ ପ୍ରାର୍ଥନା କରିଥିଲେ । ଈଶ୍ୱର ନିଜ ଅନୁଗ୍ରହରେ ମୋତେ ଓ ମୋର ସ୍ତ୍ରୀଙ୍କୁ ସୁସ୍ଥ କରିଥିଲେ । ପ୍ରଭୁଙ୍କର ପ୍ରଶଂସା ହେଉ !

ଏହା ଆମ ପରିବାର ପାଇଁ ଏକ ବିପର୍ଯ୍ୟୟ ହୋଇ ପାରିଥାନ୍ତା, ମାତ୍ର ଆମର ପ୍ରଭୁ ଆପଣମାନଙ୍କର ପ୍ରାର୍ଥନା ଓ ସହାୟତା ଯୋଗୁ ଏହାକୁ ଏକ ଆନନ୍ଦ ଓ କୃତଜ୍ଞତାର ସାକ୍ଷ୍ୟରେ ପରିଣତ କରିଛନ୍ତି । ଯେଉଁମାନେ ଆମର ଦୁଃଖ ସମୟରେ ଆମ ପାଇଁ ପ୍ରାର୍ଥନା କରିଛନ୍ତି, ସେମାନଙ୍କ ପ୍ରତି ଆମେ ପ୍ରେମ ଓ କୃତଜ୍ଞତାରେ ପରିପୂର୍ଣ୍ଣ ଅଟୁ ।

ଈଶ୍ୱର ଆମ ପ୍ରତି ଅତ୍ୟନ୍ତ ଅନୁଗ୍ରହଶୀଳ ଓ ଉତ୍ତମ ହୋଇଛନ୍ତି । ଆଜି ଆମେ ପୁଣି ଥରେ ଏକ ପରିବାର ଭାବରେ ଏକତ୍ରିତ ହୋଇଅଛୁ । ଆମେ ଅତି ଉତ୍ତମ ଭାବରେ ସୁସ୍ଥ ହେଉଅଛୁ । ଆମେ ପ୍ରତିଦିନ ଆମ ପ୍ରତି ଥିବା ଈଶ୍ୱରଙ୍କର ମହାନ୍ ପ୍ରେମ ପାଇଁ ବିନମ୍ରତାର ସହିତ ତାଙ୍କୁ ଧନ୍ୟବାଦ ଦେଉଅଛୁ ।

ଯୀଶୁ ଖ୍ରୀଷ୍ଟ ଆଜି, କାଲି ଓ ସର୍ବଦା ସମାନ ଅଟନ୍ତି ।

**NEHEMIAH BIBLE COLLEGES, CHENNAI, INDIA**

**ECHO OF HIS CALL MINISTRIES** (ESTD.: 1969)

**Affiliated to Hindustan Bible Institute & College (HBI), Chennai**

**&**

**Recognised by the International Christian Leaders & Senior Pastors for the 50 Years! Hundreds of candidates benefitted!!**

**RESIDENTIAL COLLEGE, Velachery**
**(Medium: English & Hindi)**
Course : Diploma in Theology,
Qualification : 10th Standard
Period : One year (with field and administrative trainings)

Golden Opportunity!

Don't miss!!

God is Calling you!!!

**EVENING COLLEGE, Chepauk Santhoshapuram**
**(Medium : Tamil)**
Course : Diploma in Theology
*Monday, Tuesday & Thursday 6.30 PM to 8.30 PM*
(Evening Classes - Chepauk)
Qualification : 10th Standard
Period : One year (with Special Seminars on holidays)

**Pastor S. Sam Selva Raj, Founder-President**

**For more details & application forms please contact :**

NEHEMIAH BIBLE COLLEGES

10, Mohammed Abdullah 2nd Street, Bells Road, Opp. Cricket Stadium, Chepauk, Chennai - 600 005, India.

**Phone : (+91-44) 2852 8282, 2852 9293, 2854 7766, Cell No : (+91) 98410 71852, 95661 31858**

**E.mail : sam@echoofhiscall.org / biblecor@yahoo.co.in Websites : www.echoofhiscall.org / www.echoofhiscall.com**



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

“ଯେ ପାଠ କରେ , ସେ ବୁଝେ” (ମାଥିଉ ୨୪:୧୫)।

**‘‘...ଯେଉଁମାନେ ସଦାପ୍ରଭୁଙ୍କର ଅପେକ୍ଷା କରନ୍ତି, ସେମାନେ ନୂଆ ନୂଆ ବଳ ପାଇବେ...’’ (ଯିଶାଇୟ ୪୦:୩୧) ।**

୧୯୭୨ରେ, ମୋର ଆଦ୍ୟ ଦିନଗୁଡ଼ିକରେ, ମୁଁ ପ୍ରଭୁଙ୍କ ଆତ୍ମାଙ୍କର ଚାଳନା ପାଇ ଚେନ୍ନାଇର ସଇଦ୍‌ପେଟ ନାମକ ଏକ ସ୍ଥାନରେ ଗୋଟିଏ ସୁସମାଚାର ସଭାର ଆୟୋଜନ କରିଥିଲି । ଆମେ ସେହି ସଭା ପାଇଁ ପୋଷ୍ଟର, ହାତଲେଖା, ଇତ୍ୟାଦି ମାଧ୍ୟମରେ ଯଥେଷ୍ଟ ବିଜ୍ଞାପନ ଦେଇ ଲୋକମାନଙ୍କୁ ନିମନ୍ତ୍ରଣ କରିଥିଲୁ । ମୁଁ ମୋର ସହକର୍ମୀମାନଙ୍କ ସହାୟତାରେ ଅଧିକରୁ ଅଧିକ ଲୋକଙ୍କୁ ଆଣିବା ପାଇଁ ଚେଷ୍ଟା କରିଥିଲି ।

କେବଳ ଏହି କାର୍ଯ୍ୟକ୍ରମ ପାଇଁ ପ୍ରଚୁର ପ୍ରାର୍ଥନା କରାଯାଇଥିଲା । ମୋର କେତେକ ବନ୍ଧୁ ସେମାନଙ୍କର ବାଦ୍ୟ ଯନ୍ତ୍ର ଓ ବିଶେଷ ଗୀତ ଆଣିଥିଲେ । ସଭା ଆରମ୍ଭ ହେବା ସମୟରେ, ଆମେ କୌଣସି ଲୋକଙ୍କୁ ସେହି ସ୍ଥାନକୁ ଆସିବାର ଦେଖି ପାରି ନ ଥିଲୁ । ମାତ୍ର ଆମେ ବହୁ ସମୟ ଧରି ଅପେକ୍ଷା କରି ରହିଥିଲୁ । ଶେଷରେ ଦୁଇଜଣ ଭାଇ ସଭାରେ ଯୋଗ ଦେବାକୁ ଆସିଲେ । ମୋର ଯେଉଁ ସହକର୍ମୀମାନେ ସଭା ପାଇଁ କଠିନ ପରିଶ୍ରମ କରିଥିଲେ, ସେମାନେ ଦୁଃଖିତ ହେଲେ । ଈଶ୍ୱର କାହିଁକି ଆମର ଆନ୍ତରିକ ପ୍ରାର୍ଥନା ଶୁଣିଲେ ନାହିଁ ଓ ଆମର କଠିନ ପରିଶ୍ରମକୁ ସମ୍ମାନିତ କଲେ ନାହିଁ ବୋଲି ସେମାନେ ମୋତେ ପଚାରିଲେ । ମୁଁ ସେମାନଙ୍କୁ କହିଥିଲି ଯେ ଈଶ୍ୱର ହୁଏତ ତାଙ୍କ ନିଜସ୍ୱ ମାର୍ଗରେ ଉତ୍ତର ଦେବେ । ମୁଁ ବାସ୍ତବରେ ଆଶା ହରାଇ ନ ଥିଲି । ମୁଁ ସଦାପ୍ରଭୁ ମୋହର ପରମେଶ୍ୱରଙ୍କଠାରେ ନିଜକୁ ବଳବାନ୍ କରିଥିଲି (୧ ଶାମୁୟେଲ ୩୦:୬) ।

କିନ୍ତୁ, ଆମେ ଉପସନା ସଭା ଚଳାଇଲୁ ଓ ଗୋଟିଏ ଶକ୍ତିପୂର୍ଣ୍ଣ ବାର୍ତ୍ତା ପ୍ରଚାର କଲୁ । ପୁଣି ଦୁଇ ଜଣ ଯୋଗଦାନକାରୀଙ୍କ ମଧ୍ୟରୁ ଜଣେ ପ୍ରଭୁଙ୍କ ନିକଟରେ ନିଜର ଜୀବନ ସମର୍ପଣ କରିଥିଲେ ଓ ପରେ ମୋ' ସହିତ ପ୍ରଭୁଙ୍କ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିଲେ ।

ବର୍ତ୍ତମାନ ଈଶ୍ୱର ଏପରି ସଭା ଗୁଡ଼ିକରେ ପ୍ରଚାର କରିବା ପାଇଁ ଉନ୍ନିତ କରିଛନ୍ତି ଯେଉଁଠାରେ ଭାରତରୁ ଓ ବିଦେଶରୁ ଆଗତ ହଜାର ହଜାର ଲୋକ ଏକତ୍ରିତ ହେଉଛନ୍ତି । ଈଶ୍ୱରଙ୍କ ନାମ ଗୌରବାନ୍ୱିତ ହେଉଅଛି । ଏଥିପାଇଁ, ମୋତେ ଅତି ଧୈର୍ଯ୍ୟ ଓ ବିଶ୍ୱାସର ସହିତ ଅନେକ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା ।

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣମାନେ ବିଫଳତା ରୂପକ ନୌକାରେ ଯାତ୍ରା କରୁଛନ୍ତି କି ? ଆପଣଙ୍କର ସମସ୍ତ କଠିନ ପରିଶ୍ରମ ଓ ଉପବାସ ପ୍ରାର୍ଥନା କୌଣସି ଫଳ ଧାରଣ କରୁ ନାହିଁ ବୋଲି ଭାବୁଛନ୍ତି କି ? ବେଳେବେଳେ ଈଶ୍ୱର ସେହି ସମୟରେ ନୀରବ ରହନ୍ତି ଯେଉଁ ସମୟରେ ଆମେ ଅତି ବଡ଼ ଓ ତାତ୍କ୍ଷଣିକ ପ୍ରତ୍ୟାଶା ସହିତ ଅତି ସକ୍ରିୟ ଥାଉ, କାରଣ ସେତେବେଳେ ସେ ତାଙ୍କ ପ୍ରତି ଆମର ବିଶ୍ୱାସ ଓ ଧୈର୍ଯ୍ୟକୁ ପରୀକ୍ଷା କରନ୍ତି ।

‘‘ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷାସିଦ୍ଧ ବିଶ୍ୱାସ, ତାହା ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ଭ୍ରମର କାରଣ ହେବ’’ (୧ ପିତର ୧:୭) ।

ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**Please pray for our**

- Echo of His Call (16 languages)
- Multi-lingual Churches
- Nehemiah Bible Colleges

- Editor


## ବାଇବଲ କୋର୍ସ

## ଚିଠିପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ

ଆମେ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ନୂତନ ଖ୍ରୀଷ୍ଟିଆନମାନଙ୍କୁ ବାଇବଲ ମୌଳିକ ତଥ୍ୟ ସମ୍ବନ୍ଧରେ ଡାକଯୋଗେ ପାଠକ୍ରମ ଯୋଗାଇ ଦେଉଅଛୁ । ଆପଣମାନେ ‘‘ଆପଣମାନଙ୍କ ନିମନ୍ତେ ନୂତନ ଜୀବନ’’ ନାମକ ଏକ ୭୦ ପୃଷ୍ଠା ବିଶିଷ୍ଟ ପାଠ୍ୟ ପୁସ୍ତକ ପାଇବେ । ଏହି ପାଠ୍ୟକ୍ରମ ଶେଷ ହେବାପରେ ଗୋଟିଏ ପ୍ରମାଣ ପତ୍ର ମଧ୍ୟ ପାଇବେ । ଏଥିପାଇଁ କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଏହି ପାଠ୍ୟକ୍ରମଟି କେବଳ ଭାରତରେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ।

## ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ

ଆପଣ ଅଳ୍ପ ସପ୍ତାହ ମାଧ୍ୟମରେ ଡାକଦ୍ୱାରା ଇଂରାଜୀ ଓ ତାମିଲରେ ଥିଓଲୋଜି ଅଧ୍ୟୟନ କରିପାରିବେ ଓ ଜଣେ ଆତ୍ମିକ ସେବକ ହୋଇପାରିବେ । ଆପଣ ସେବାକାର୍ଯ୍ୟର ପ୍ରମାଣ ପତ୍ର ପାଇ ପାରିବେ । ପାଠ୍ୟକ୍ରମଟିର ମୂଲ୍ୟ ୫୨୦ ଟଙ୍କା ମାତ୍ର । ୧୪୨ଟି ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ ।

ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ

**The Chairman, Nehemiah Bible College, Echo of His Call**
10, Mohammed Abdullah 2nd Street, Opp. Cricket Stadium,
Chepauk, Chennai - 600 005, India.
**Ph.: (044) 2852 8282, 2852 9293, 2854 7766, Cell : (+91) 98410 71852 95661 31858. E-mail : biblecor@yahoo.co.in**

RNI NO. 70105/98, Postal Regn. No. TN/CH (C)/198/18-20 WPP NO. TN/PMG(CCR)/WPP-265/18-20

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–,**

**ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ (**D.D**, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ–ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, Mohammed Abdullah 2nd Street, Chepauk,
Chennai - 600 005, India
PH: (+91-44) 2852 8282, 2852 9293, 2854 7766,
Cell: (+91) 95661 31858 / 98410 71852
E-mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.echoofhiscall.com

**YOU CAN SEND YOUR DONATIONS ON ONLINE ALSO**

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ନ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

**RNI NO. 70105/98**
**Postal Regn. No. TN/CH/(C)/198/18-20**
**WPP NO. TN/PMG(CCR) / WPP- 265/18-20**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 19th OCTOBER 2020**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**